



ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

୪



ଓଡ଼ିଆ ଭାଷାର ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ବାନ

ଆହ୍ବାନ ଓଡ଼ିଆ ପରିବାର

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

(ଏମ୍.ବି.ବି.ଏସ୍., ପି.ଜି.ଡ଼ି.ଏମ୍.ସି.ଏଚ୍., ପି.ଜି.ଡ଼ି.ଏଚ୍.,ଏମ୍.)

ବୀମା ନଗର, ୨ୟ ଗଳି, ବ୍ରହ୍ମପୁର, ଓଡ଼ିଶା, ୭୬୦୦୧୦, ଫୋନ୍: ୯୦୪୦୯୮୫୪୬୩

ସ୍ନେହ, ପ୍ରେମ, ମମତାର ମୃଣ୍ମୟୀ ପ୍ରତିମା ମା'

ଦୁର୍ଗାଙ୍କ ଚରଣ କମଳରେ ସମର୍ପିତ

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା। ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ। ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ।

ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ। ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ। ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ। ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ। ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ। ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ।

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ।

ଆମକୁ ଲେଖା ପଠାଇବା ଠିକଣା : -


**ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ବୀମା ନଗର, ୨ୟ ଗଳି, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା, ଫୋନ୍:- ୯୦୪୦୯୮୫୪୬୩

ଇ-ମେଲ୍ : aahwaan@gmail.com

# ସୂଚୀପତ୍ର


ସମ୍ପାଦକୀୟ ୬

ଚୋର
ଶୁଭକାନ୍ତ ସାହୁ ୯

ଭାରତର ଜନପଦସମୂହର ନାମ
ମନୋଜ ଦାସ ୧୧

ଦଶହରା
ରଶ୍ମୀରଞ୍ଜନ ଦାଶ(ବାପୁ) ୧୫

ପୂଜା ଓ ପ୍ରେମ
ଡଃ କୁଳାଙ୍ଗାର ୨୧

ଦି ଟଙ୍କିଆ ଚାଉଳ
ମାନସ ରଞ୍ଜନ ଦାଶ ୨୨

ଇଣ୍ଟରଭ୍ୟୁ
ସନ୍ତୋଷ କୁମାର ମହାରଣା ୨୩

ପ୍ରଚଳିତ ଓଡ଼ିଆ ଲୋକଗୀତ
ବନ୍ଦନା ପଣ୍ଡା ୨୬

ଦଶହରା ମାଡ଼ି ଆସୁଛି
ସୁନୀଲ ମିଶ୍ର ୩୨

ମନ ପାରା
ବିଜୟଲକ୍ଷ୍ମୀ ବେହେରା ୩୫

ପ୍ରଶ୍ନଟିଏ
ସବିତା ସାମଲ ୩୭

ଶ୍ରୀ ରାଧା (୨୪)
ବିଜୟ ପ୍ରଧାନ ୪୦

ତ୍ୟାଗ
ଅକ୍ଷୟ କୁମାର ରାଉତ ୪୩

ବିସ୍ମୟ ପୃଥିବୀ
ଅର୍ଚ୍ଚନା ମହାନ୍ତି ୪୬

ଯୁଗଳ ସଂଗୀତ
କାହ୍ନା ପଟ୍ଟନାୟକ ୪୮

ସ୍ତ୍ରୀ
ପ୍ରତୀକ୍ଷା ଜେନା ୫୦

ଆକସ୍ମିକ
ବିନୟ ମୋହନ ଦାସ ୫୨

କବିତା ଝର
କମଳ କୁମାର ଦାଶ ୫୩

ପ୍ରଭାତ
ସବିତା ପ୍ରଧାନ ୫୪

ବନ୍ଧୁତ୍ଵ
ଶ୍ଵେତା ଆଚାର୍ଯ୍ୟ ୫୫

ବାହାନା
ଉର୍ମିଳା ମିଶ୍ର ୫୭

ଟେଲି ସପିଂ
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ ୫୯

ଛୋଟ ମୋର ଗାଁ
ରଞ୍ଜନ କୁମାର ପାଣିଗ୍ରାହୀ ୬୭

ଜୀବନ
ବିଧୁଭୂଷଣ ମିଶ୍ର (ପିଣ୍ଟୁ) ୬୮

ଆମ ରୋଷେଇ ଘରୁ
ଶ୍ରୀମତି ଅର୍ଚ୍ଚନା ମହାନ୍ତି ୭୦

ମୋ ଭ୍ରମଣ କାହାଣୀ (ଟରୋଣ୍ଟୋ)
ପ୍ରଶାନ୍ତ କୁମାର ଭୂୟାଁ ୭୩

ନଇ ପାରି
ବିକ୍କୀ ମିଶ୍ର ୭୮

ଟାକିଛେଁ
ଶାଶ୍ବତ ସାହୁ ୭୯

ଛଟ୍ ପଟ୍ ମନର ଆଶଙ୍କା
ରାମଚନ୍ଦ୍ର ସାହୁ ୮୦

ଟ୍ରାଫିକ୍ ଜାମ୍
ନିବେଦିତା ମିଶ୍ରଗୁରୁ ୮୨

ଶବ୍ଦାବିସ୍କାର
ଅରବିନ୍ଦ ଆଚାର୍ଯ୍ୟ ୮୭

ମୋ ଜୀବନ ବହି
ରଶ୍ମୀ ରଞ୍ଜନ କର ୮୮

ଫେସବୁକ୍-୩
ପ୍ରଶାନ୍ତ କୁମାର ଭୂୟାଁ ୮୯

ଲୀଳା (ଚିତ୍ରକବିତା)
ବିଜୟ ପ୍ରଧାନ ୯୭

ଆହ୍ବାନ ୱେବ୍‌ସାଇଟ୍ ୯୮

ବିଶେଷ ସୂଚନା ୯୯

ଧନ୍ୟବାଦ ଅର୍ପଣ ୧୦୦



# ସମ୍ପାଦକୀୟ

ମହିଷାମର୍ଦ୍ଦିନୀ ମା' ଦୂର୍ଗାଙ୍କ ଆଗମନେ ଆଜି ଗଗନପବନ ଉତ୍ସବମୁଖରିତ। ଓଡ଼ିଶାର ପାଣିପବନ ସତେ ଯେମିତି ନୂତନ ଆହ୍ଲାଦରେ ଭରପୁର ହୋଇଯାଇଛି। ମନେ ହେଉଛି, ଏଇମିତି ଦିନ ସବୁ ସବୁବେଳେ ହୁଅନ୍ତା ନାହିଁ କି ? ଆକାଶ ନିର୍ମଳ, ପବନରେ ଧିରି ଧିରି ଶୀତର ଅନୁପ୍ରବେଶ, ଦିନବେଳେ ନିଦାଘର ଅନୁପସ୍ଥିତି, ବାସ୍ତବିକ ଜୀବନରେ ମଧ୍ଯ ଏହିପରି ପରିସ୍ଥିତି ସୃଷ୍ଟି ହୋଇପାରନ୍ତା ନାହିଁ ? ସମସ୍ତଙ୍କ ମୁଣ୍ଡ ଉପରେ ଛାତ, ଖର୍ଚ୍ଚ କରିବାପାଇଁ ପକେଟରେ ଅର୍ଥ, ଅଭାବର ନାମଠିକଣା ନାହିଁ। ସତରେ ଏମିତି ହେଲେ କେତେ ଭଲ ହୁଅନ୍ତା। ଅବଶ୍ୟ ଏମିତି ହେଲେ ଲାଭ ଯେତିକି ହୁଅନ୍ତା କ୍ଷତି ବି ସେତିକି ହୁଅନ୍ତା, ଅନେକେ ଭାବୁଥିବେ କ୍ଷତି ପୁଣି କାହିଁକି ? ଲୋକମାନେ ଯଦି ସ୍ବୟଂ ସମ୍ପୂର୍ଣ୍ଣ ହୋଇଯାଆନ୍ତେ ତେବେ କେହି କାହା ଉପରେ ଆଉ ନିର୍ଭରଶୀଳ ରହନ୍ତା ନାହିଁ, ବ୍ୟାଙ୍କ ଓ ବ୍ୟବସାୟିକ ଅନୁଷ୍ଠାନ ସବୁ କ୍ଷତି ସହନ୍ତେ ଆଉ ସବୁଠୁ ଅଧିକ କ୍ଷତି ସହନ୍ତେ ସାହିତ୍ୟିକ ମାନେ । ଯେଉଁ ସାହିତ୍ୟିକମାନେ ଗରିବୀକୁ ନେଇ ନିଜ ସାହିତ୍ୟର ସଂସାର ସୃଷ୍ଟି କରିଛନ୍ତି ସେମାନେ କଣ ଆଉ ଲେଖାଲେଖି କରନ୍ତେ? ସେ ଯା'ହେଉ ମା' ଆସିଛନ୍ତି ଯେତେବେଳେ ସେ ସମସ୍ତଙ୍କୁ ଆଶୀର୍ବାଦ ଦେଇ ଯିବେ ନିଶ୍ଚୟ। ସମସ୍ତଙ୍କ ଶାନ୍ତି ଓ ଉନ୍ନତି ହେତୁ ଆମେ ମା'ଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ପ୍ରତ୍ୟେକ ବର୍ଷପରି ଚଳିତ ବର୍ଷମଧ୍ଯ ଆହ୍ବାନର ପୂଜା ବିଶେଷାଙ୍କ ଆପଣ ମାନଙ୍କୁ ଉପହାର ଦେଉଥିବା ବେଳେ ମୁଁ ବହୁତ ଆନନ୍ଦ ଅନୁଭବ କରୁଛି। ଯଦିଓ ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହେଉଥିବା ଏହି ପତ୍ରିକା ଚଳିତ ମାସରେ ଅନେକ ବିଳମ୍ବରେ ପ୍ରକାଶିତ ହେଉଛି, କିନ୍ତୁ ଏହା ପଛରେ ଏକାଧିକ କାରଣ ବି ରହିଛି। ପ୍ରଥମତଃ ପୂଜା ବିଶେଷାଙ୍କ ପାଇଁ ଲେଖା ସବୁ ବିଳମ୍ବରେ ଆସି

ପହଞ୍ଚିଲା, ତା'ପରେ ସେ ସବୁକୁ ସଜାଡ଼ି ତାଲିକା ପ୍ରସ୍ତୁତ କରି ଟାଇପ କରିବାରେ ସମୟ ଚାଲିଗଲା, ଏହି ସବୁ କାର୍ଯ୍ୟ ଚାଲୁଥିବା ସମୟରେ ପୁରୁଣା ୱେବ୍‌ସାଇଟକୁ ନୂଆ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଗଲା। ଆହ୍ବାନ ଇ-ପତ୍ରିକାର ୱେବ୍‌ସାଇଟ ବହୁତ ପୁରୁଣା ହୋଇଯାଇଥିଲା, ଏଣୁ ଏହାର ନବୀକରଣ ଅନିବାର୍ଯ୍ୟ ହୋଇପଡ଼ିଥିଲା। ତା'ପରେ ଅନେକ ବନ୍ଧୁ ଏହି ୱେବ୍‌ସାଇଟରୁ ପତ୍ରିକା ପଢ଼ିବା ଏବଂ ଡାଉନଲୋଡ୍ କରିବାକୁ କଷ୍ଟ ଅନୁଭବ କରୁଥିବା କଥା କହୁଥିଲେ, ତେଣୁ ୱେବସାଇଟକୁ ନୂଆ କରିବା ପାଇଁ ସମୟ ବ୍ୟୟ କରିବାକୁ ପଡ଼ିଲା। ବିଳମ୍ବରେ ହେଉ ସୁଦ୍ଧା ପତ୍ରିକାରେ ପ୍ରକାଶିତ ଅନେକ କଥା ଓ କବିତା ଆପଣ ମାନଙ୍କ ମନକୁ ଆନନ୍ଦିତ କରିବ ନିଶ୍ଚୟ।

ପତ୍ରପତ୍ରିକା, ସାହିତ୍ୟ ଚର୍ଚ୍ଚାରେ ବ୍ୟସ୍ତ ରହି ସମାଜ ଓ ଦେଶରେ ହେଉଥିବା ଘଟଣାପ୍ରତି ଆମେ ବିମୁଖ ହୋଇପାରିବା ନାହିଁ। ସାହିତ୍ୟିକ ସମାଜକୁ ନେଇ ଏବଂ ସମାଜପାଇଁ ସାହିତ୍ୟର ସୃଷ୍ଟିକରେ। ତେଣୁ ସମାଜର ପ୍ରତ୍ୟେକ ଘଟଣାବଳୀପ୍ରତି ସଚେତନ ରହିବା ପ୍ରତ୍ୟେକ ସୁନାଗରିକ ସମେତ ସାହିତ୍ୟିକ ମାନଙ୍କ ପାଇଁ ଅତ୍ୟନ୍ତ ଜରୁରୀ। ବିଗତ ମାସଟି ଭାରତପାଇଁ ଅନେକ ଭଲ ଖବର ନେଇ ଆସିଛି। ବିଶେଷତଃ ଅର୍ଥନୈତିକ କ୍ଷେତ୍ରରେ ଭାରତର ପୁଞ୍ଜିବଜାର(ଶେୟାର୍ ମାର୍କେଟ୍)ରେ ଉନ୍ନତି ପରିଲକ୍ଷିତ ହୋଇଛି। ବିଗତ ଦୁଇ ତିନିବର୍ଷ ଧରି ସୂଚକାଙ୍କ ବହୁତ ନିମ୍ନସ୍ତରରେ ରହୁଥିବା ବେଳେ ଏବେ ଏଥିରେ ଉନ୍ନତି ଉପଭୋକ୍ତାମାନଙ୍କୁ ଆନନ୍ଦ ଦେଇଛି।

ଚଳିତ ସପ୍ତାହରେ କଂଗ୍ରେସ ଶାସନାଧୀନ ୟୁପିଏ ସରକାରରେ ରହିଥିବା ମନ୍ତ୍ରୀ ସଲମାନ୍ ଖୁର୍ସିଦଙ୍କ ବିରୋଧରେ ଅର୍ଥ ତୋଷରପାତ ଅଭିଯୋଗ ଆଣିଛନ୍ତି ସମାଜସେବୀ ଅରବିନ୍ଦ କେଜରିୱାଲ୍। ଏହାକୁ ମିଥ୍ୟା ପ୍ରମାଣିତ କରିବାପାଇଁ ଅନେକ

ପ୍ରକାର ପ୍ରଚେଷ୍ଟାରେ ଲାଗିଛନ୍ତି ଶ୍ରୀଯୁକ୍ତ ଖୁର୍ସିଦ। ଯଦିଓ କଂଗ୍ରେସ ଦଳ ପକ୍ଷରୁ ଖୁର୍ସିଦଙ୍କ ସମର୍ଥନରେ ଏହି ସବୁ ଅଭିଯୋଗକୁ ମିଥ୍ୟାବୋଲି କୁହାଯାଉଛି, ତଥାପି ଖୁର୍ସିଦ ମହାଶୟ ଦେଉଥିବା ସାକ୍ଷ୍ୟ ପ୍ରମାଣ ସବୁ ମିଥ୍ୟାପରି ଲାଗୁଛି।

ସେହିପରି ଏକଦା ଆନ୍ନା ହଜାରେଙ୍କୁ ବିଶ୍ବ ଦରବାରରେ ପ୍ରସିଦ୍ଧି ଆଣିଦେଇଥିବା ଅରବିନ୍ଦ କେଜରିୱାଲ୍ ନିଜେ ଏକ ରାଜନୈତିକ ଦଳ ଗଠନ କରିବେ ବୋଲି ଘୋଷଣା କରି ଆନ୍ନାଙ୍କ ଠାରୁ ଦୁରେଇ ଯାଇଛନ୍ତି। ଏହା ସହ ସେ ଗଢ଼ିଥିବା ଅନୁଷ୍ଠାନ ଇଣ୍ଡିଆ ଏଗେଇନ୍‌ଷ୍ଟ୍ କରପ୍ସନ୍ ମଧ୍ୟ ବିଭାଜନରେ ଦ୍ବାର ଦେଶରେ ପହଞ୍ଚିଛି। ସେ ଯା'ହେଉ ଏକ ମହତ୍ତର ଉଦ୍ଦେଶ୍ୟ ନେଇ କାମ କରୁଥିବା କେଜରିୱାଲ୍ ଓ ଆନ୍ନା ଯେ ଦିନେ ଏହି ମହାଭୂଖଣ୍ଡର ଭାଗ୍ୟ ବଦଳାଇବେ ସେଇ ଆଶା ଆମେ ସମସ୍ତେ ମନରେ ନେଇ ଚାଲିଛୁ।

ଓଡ଼ିଶାରେ ରାଜନୈତିକ ପରିସ୍ଥିତି ଉତ୍ତାପପୂର୍ଣ୍ଣ ରହିଛି। ନବୀନ ସରକାରଙ୍କ ସଦ୍ୟ ପ୍ରକଟିତ ପ୍ରତିଦ୍ବନ୍ଦୀ ପ୍ୟାରୀମୋହନଙ୍କ ଦଳ ରାଜ୍ୟରେ ରାଜନୈତିକ ଖେଳ ଖେଳିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଉଭୟଙ୍କ କଳିରୁ କାହାର ଲାଭ ହେଉଛି ସେଇଟା ଦେଖିବାକୁ ରହିଲା। ଭଗବାନ କରନ୍ତୁ ସେ ଦୁଇଙ୍କ କଳିରୁ ଅନ୍ତତଃ ଓଡ଼ିଶାର କିଛି ଲାଭ ହେଉ। ଏବେ ବଳପ୍ରଦର୍ଶନ ଚାଲିଛି, ଜିଲ୍ଲା ମାନଙ୍କରେ ପଦଯାତ୍ରା ଆଉ ଗାଁ ଗାଁରେ ପଲ୍ଲୀ ସଭା ସବୁ ହେଉଛି, କାରଣ ୨୦୧୪ ଆସୁଛି।

ଶେଷରେ ମା ଦୂର୍ଗାଙ୍କ ଚରଣରେ ବିନମ୍ର ପ୍ରଣାମକରି ମୋ (ଆହ୍ବାନ) ପରିବାରର ସମସ୍ତ ସଦସ୍ୟସଦସ୍ୟା ଏବଂ ସେମାନଙ୍କ ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ନିବେଦନ କରୁଛି। ଆଶା କରୁଛି ଆହ୍ବାନର ଏହି ସଂସ୍କରଣ ଆପଣ ମାନଙ୍କୁ ନିଶ୍ଚୟ ଭଲ ଲାଗିବ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ (ସମ୍ପାଦକ)

# ଚୋର

ଶୁଭକାନ୍ତ ସାହୁ

ପିଲାଟି ଅତି କରୁଣ ଭାବେ ଅଫିସରଙ୍କ ମୁହଁକୁ ଚାହିଁ କହୁଥିଲା, 'ସାର୍, ମୋତେ ଛାଡ଼ି ଦିଅନ୍ତୁ। ଚୋରୀ କରିବା ମୋର ଇଚ୍ଛା ନଥିଲା। ମୁଁ ଅନେକ ଚେଷ୍ଟା କରିଛି ମୋ ଟିକି ଭଉଣୀପାଇଁ ପେଟକୁ ଶୁଖିଲା ରୁଟି ଖଣ୍ଡେ ଓ ଔଷଧଟିକେ ଯୋଗାଇବା, କେତେ ବାବୁଙ୍କ ଗୋଡ଼ଧରି ନେହୁରା ହେଲି। ସମସ୍ତେ ପାଦରେ ଠେଲି ଦେଇ ଚାଲିଗଲେ। କେତେ ହୋଟେଲ୍ ବାଡ଼ି ଦୋକାନରେ କାମ ପାଇବା ପାଇଁ ଗୁହାରି କରିଛି। ହେଲେ କେହି ମୋତେ କାମଖଣ୍ଡେ ଦେଇନାହାନ୍ତି। ସମସ୍ତେ କହିଲେ, 'ଶଃ ! ଏଇ ପୁଣି କାମ କରିବ। ଯା ଯା ବାହାରି ଯା। ଭିକ ମାଗିବା ପାଇଁ ରାସ୍ତାକଡ଼େ ମୋ ପିନ୍ଧା ସାର୍ଟକୁ ପକାଇ ଦେଇଛି, ହେଲେ ପଇସାଟିଏ ତ ଦୂରର କଥା ମୋ ଆଡ଼କୁ କେହି ଚାହିଁଲେ ନାହିଁ। ଟିକି ଭଉଣୀଟି ମୋର ଜ୍ବରରେ ଥରୁଥିଲା। ଡାକ୍ତରବାବୁଙ୍କ ଗୋଡ଼ ଧରିଲି। ଔଷଧ ଟିକେ ତ ଦେବା ଦୂରର କଥା, ପଦେ କଥା ହେବାପାଇଁ ୨୦ ଟଙ୍କା ମାଗିଲେ। ଗାଁ ମୁଖିଆଙ୍କ ବଡ଼ପୁଅ ମୋ ବୋଉର ତଣ୍ଟିଚିପି ମାରିଦେଇ, 'ଦଉଡ଼ି ଦେଇ ମରିଯାଇଛି' ବୋଲି କହିଲା। ତାଙ୍କଠି ବାପା ଘରର ଜମି ବନ୍ଧକ ରଖି ଟଙ୍କା ଆଣିଥିଲେ। ସେ ଆମକୁ ଘରୁ ବାହାର କରିଦେଲେ। ଆପଣ ପ୍ରଥମେ ମୋ ଭଉଣୀକୁ ଭଲ କରିଦିଅନ୍ତୁ, ଆମେ କାମ କରି ଆପଣଙ୍କ ଟଙ୍କା ଶୁଝିଦେବୁ। ହେଲେ ମୋତେ ଗୋଡ଼ରେ ଆଡ଼େଇ ଦେଇ 'ଶଃ !' କହି ଆଗକୁ ଚାଲିଗଲେ। ମୁଁ କଣ କରିଥାନ୍ତି ? ବାବୁ ଜଣକ ରାସ୍ତାକଡ଼ରେ ଟଙ୍କା ଗଣୁଥିଲେ। ମୋ ଟିକି ଭଉଣୀକୁ ରୁଟି ଖଣ୍ଡେ ଦେବାପାଇଁ ଆଉ ଔଷଧ ଟିକେ ଦେବାପାଇଁ ମୋତେ ୧୦ ଟଙ୍କା ମାଗିଲି ଆଉ ମନାକରିବା ପରେ ଝାମ୍ପି ନେଇ ଆଣିଲି। ମୋ ଭଉଣୀ

ମୋତେ ନ ପାଇ ମରିଯିବ ଆଜ୍ଞା। ମୁଁ ଜଗନ୍ନାଥଙ୍କ ରାଣ ଖାଇ କହୁଛି ଆଜ୍ଞା, ମୁଁ ମରିଯିବି ପଛେ ଏମିତି ଆଉ ଚୋରୀ କରିବି ନାହିଁ।

ପୋଲିସ ବାବୁ ସବୁ ଶୁଣି କହିଲେ, 'ଥାଉ ଥାଉ ମୋତେ ଆଉ ଏ ସବୁ ଶୁଣାନା ବେ ! ଚୋରି କରୁଛୁ ଆଉ ପୁଣି ମିଛ କହୁଛୁ ! ଶଃ ଚୋରାଇଛୁ ତ ଆଉ ବା' କଣ କହିଥାନ୍ତୁ। ଏଣୁତେଣୁ କହିଲେ ମୁଁ କଣ ଛାଡ଼ିଦେବି ? ଚାଲ ଶଃ ପଞ୍ଜୁରୀ ଭିତରେ ଦି ପାହାର ଖାଇଲେ ସିଧା ପଡ଼ିଯିବୁ।



# ଭାରତର ଜନପଦସମୂହର ନାମ...

ଓଡ଼ିଶାର ବିଖ୍ୟାତ ସାହିତ୍ୟକାର ଶ୍ରୀ ମନୋଜ ଦାସଙ୍କ ରଚିତ ବିଭିନ୍ନ କୃତୀର ଏକ ମନୋଜ୍ଞ ସଂଗ୍ରହ 'ମନୋଜ ସୃଜନୀ ସମଗ୍ର'ର ପ୍ରଶ୍ନୋତ୍ତର ବିଭାଗରେ ପ୍ରକାଶିତ ଏକ ପ୍ରଶ୍ନର ଉତ୍ତରରେ ମନୋଜ ଦାସ ଦେଇଥିବା ଉତ୍ତରକୁ ଶ୍ରୀ ମନୋଜ ଦାସଙ୍କ ଅନୁମତି କ୍ରମେ ପ୍ରକାଶିତ କରାଯାଇଛି।

ପ୍ରଶ୍ନ : (୨୦). କୁହାଯାଏ, ଭାରତବର୍ଷର ନଗର ଓ ଜନପଦ ସମୂହର ନାମ ପୃଥିବୀର ଅନ୍ୟାନ୍ୟ ପ୍ରାଚୀନ ସଭ୍ୟତା-ସମୃଦ୍ଧ ଦେଶ ସମୂହର ସ୍ଥାନ ସବୁର ନାମ ତୁଳନାରେ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ – ଏହା କେତେ ଦୂର ସତ୍ୟ ? ସେସବୁ ନାମର ଉତ୍ସ କ'ଣ ?

ଭାରତର ସହର ନଗର, ରାଜ୍ୟ ଓ ଜନପଦ ସମୂହର ପ୍ରାଚୀନ ନାମସବୁ ଆଜିର ତୁଳନାରେ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲେ, ସନ୍ଦେହ ନାହିଁ। ଆଜିର ପାଟଣା କଥା ଧରନ୍ତୁ। ଏହାର ସୁପ୍ରାଚୀନ ନାମ ପୁଷ୍ପପୁର ଏବଂ କୁସୁମପୁର। ପରବର୍ତ୍ତୀ କାଳରେ ଯେଉଁ ନାମରେ ଏ ନଗରୀ ଆହୁରି ଅଧିକ ପରିଚିତି ଲାଭକଲା, ତାହାହେଲା ପାଟଳିପୁତ୍ର – ପାଟଳିପୁଷ୍ପକୁ ନେଇ।

ଓଡ଼ିଶା ଥିଲା ଉତ୍କଳ (କାହାରି କାହାରି ମତରେ ଯାହାର କଳା ଉତ୍କୃଷ୍ଟ), କର୍ଣ୍ଣାଟକର ନାମ ଥିଲା କୁନ୍ତଳ ଦେଶ। ଆଜି ଯାହା ସଂକ୍ଷେପରେ କୁଲୁ, ତା'ର ମୂଳ ନାମ କୂନ୍ତଳାପୀଠ, ଅର୍ଥାତ ଜନବସତି (କୂଳ)ର ଶେଷ ପବିତ୍ର ସୀମାନ୍ତ। ତ୍ରିଭେନ୍ଦ୍ରମ୍‌ର ନାମ (ସଂପ୍ରତି ପୁନଃ ପ୍ରବର୍ତ୍ତିତ) ଥିରୁଅନନ୍ତପୁରମ୍। ଥିରୁ ପ୍ରାୟ ଶ୍ରୀଅର୍ଥବ୍ୟଞ୍ଜକ। ହୁଏତ ସର୍ପରାଜ ଅନନ୍ତଙ୍କ ନାମରେ ଏହା ନାମିତ ହୋଇଥିଲା, ନଚେତ୍ ଅନନ୍ତ ଏଠାକାର ଅଧିଷ୍ଠାତା ଦେବତାଙ୍କ ନାମ ଥିଲା। ଦ୍ବାରକାର ପ୍ରାଚୀନତମ ନାମ

ଦ୍ବାରାବତୀ। ହିମାଳୟର ଏକ ମନୋରମ ବସତିର ନାମ ଥିଲା ଗୌରୀମାର୍ଗ- ହିମାଳୟ-ତନୟାଦେବୀଙ୍କ ନାମରେ। ମୋଗଲ ଯୁଗରେ ତାହା ହେଲା ଗୁଲ୍‌ମାର୍ଗରେ ପରିଣତ। ଶ୍ରୀରାମଙ୍କ ଭ୍ରାତା ଲକ୍ଷ୍ମଣଙ୍କ ନାମରେ ନାମିତ ଲକ୍ଷ୍ମଣାବତୀର ନାମ ହେଲା ଲକ୍ଷ୍ନୌ। ଲାହୋରର ପ୍ରାଚୀନ ନାମ ଲବପୁର – ଲବଙ୍କ ନାମରେ। କୁଶଙ୍କ ନାମରେ କୁଶୀନଗର। ଗୌହାଟୀ ବା ଗୁୱାହାଟୀର ପୌରାଣିକଯୁଗୀୟ ନାମ ପ୍ରାଗ୍‌ଜ୍ୟୋତିଷପୁର। ଗୋଆର ନାମଥିଲା ଗୋମନ୍ତ ବା ଗୋମନ୍ତକ। ପଣ୍ଡିଚେରୀର ନାମ ଥିଲା ବେଦପୁରୀ। ଏ ନଗରୀର ଅଧିଷ୍ଠାତା ଦେବ ଅଦ୍ୟାବଧି ବେଦପୁରେଶ୍ବର (ମହାଦେବ) ଭାବରେ ବିଦିତ। କିମ୍ବଦନ୍ତୀ କହେ, ଅଗସ୍ତ୍ୟଙ୍କ ଯୁଗରେ ଏହା ବେଦ ଅଧ୍ୟୟନ ପାଇଁ ଜଣାଶୁଣା ଥିଲା। ମଦୁରାଇର ମୂଳନାମ ମଧୁରପୁର। ଆଜମୀରର ନାମ ଅଜୟମେରୁ। ପଞ୍ଜାବ ଶବ୍ଦ ଯେ ପଞ୍ଚ-ଆବ୍ (ପଞ୍ଚନଦୀ)ରୁ ଆହୃତ, ଏହା ସମସ୍ତଙ୍କୁ ଜଣା। ତେବେ ବିହାର ରାଜ୍ୟର ସେଭଳି ନାମକରଣ ଯେ ସେ ମୁଲକରେ ବିପୁଳ ସଂଖ୍ୟକ ବୁଦ୍ଧ ବିହାରର ଅବସ୍ଥିତି ଯୋଗୁଁ ସମ୍ଭବ ହୋଇଥିଲା, ଏକଥା ଅନେକେ ମନେ ରଖିନାହାନ୍ତି। ଗତ ପାଞ୍ଚଛଅ ଶହ ବର୍ଷ ଭିତରେ ଯେଉଁସବୁ ମୁଲକର ନାମକରଣ ହୋଇଛି, ତା'ର ଇତିହାସ ବି ଅନେକ ଭୁଲିଯାଇଛନ୍ତି। ନିକଟ ଅତୀତରେ କୌଣସି ଟୁରିଷ୍ଟ ଗାଇଡ୍ 'ଜମ୍ମୁ'ର ନାମ 'ଜମ୍ବୁ' ନାମକ ଫଳରୁ ଆହରିତ ବୋଲି ବେଶ୍ ନିଃସଂଶୟରେ ଲେଖିଛନ୍ତି। ପ୍ରକୃତରେ ଏ ନାମ ଏ ରାଜ୍ୟର ପ୍ରତିଷ୍ଠିତ ରାଜା ଜମ୍ବୁଲୋଚନଙ୍କ ସ୍ମୃତି ବହନ କରେ। ଯେମିତି ଆଜିର ଭୋପାଳର ମୂଳ ନାମ ଭୋଜପାଳ – ରାଜା ଭୋଜଙ୍କ ଦ୍ବାରା ଖୋଦିତ ଏକ ସରୋବର (ପାଳ) ଅନୁସାରେ। ସେମିତି ରାଓ ବିକାନୀଙ୍କ ନାମରୁ ବିକାନୀର।

ଉଭୟ ପାଣ୍ଡବ ଓ କୌରବଙ୍କ ପୂର୍ବପୁରୁଷ ମହାରାଜ କୁରୁ ଯେଉଁ କ୍ଷେତ୍ର ଉପରେ ଯଜ୍ଞାନୁଷ୍ଠାନ କରିଥିବା ଯୋଗୁଁ ତାହା ଧର୍ମକ୍ଷେତ୍ରରେ ପରିଣତ ହୋଇଥିଲା,

ତାହାର ଜନପ୍ରିୟ ନାମ କୁରୁକ୍ଷେତ୍ର; ଯଜ୍ଞକ୍ଷେତ୍ର ଅପେକ୍ଷା ଯୁଦ୍ଧକ୍ଷେତ୍ର ଭାବରେ ଅଧିକ ପରିଚିତ। ରାଜା ଦଣ୍ଡକଙ୍କ ଅନ୍ୟାୟ ଆଚରଣ ଯୋଗୁଁ ତାଙ୍କ ରାଜ୍ୟ ଋଷି ଶୁକ୍ରାଚାର୍ଯ୍ୟଙ୍କ ଅଭିଶାପରେ ଦଗ୍‌ଧୀଭୂତ ହୋଇଥିଲା। କାଳକ୍ରମେ ସେ ଜନଶୂନ୍ୟ ଭସ୍ମରାଶି ଉପରେ ଉଦ୍‌ଭୂତ ହେଲା ଏକ ଅରଣ୍ୟ। ହତଭାଗ୍ୟ ଦଣ୍ଡକଙ୍କୁ ସ୍ମରଣକରି ଋଷିମାନେ ସେ ଅରଣ୍ୟକୁ ଦଣ୍ଡକାରଣ୍ୟ ବୋଲି ଅଭିହିତ କଲେ। ଦେବାଦେବୀ ଓ ରାଜାମାନଙ୍କ ଛଡ଼ା ଋଷିମାନଙ୍କର, ଏପରିକି ଅସୁରମାନଙ୍କର ସ୍ମୃତିମଧ୍ୟ, ବହନକରେ କେତେକ ସ୍ଥାନ। କାଶ୍ମୀରର ମୂଳନାମ କାଶ୍ୟପ ମୀର। କାଶ୍ୟପ ଋଷିଙ୍କ ଦ୍ବାରା ସୃଷ୍ଟ ଜଳାଶୟ (ମୀର) ଏ ନାମର ଉତ୍ସ। ଗ୍ବାଲିପ୍‌ପା ନାମକ ସନ୍ଥଙ୍କ ନାମ ବହନ କରୁଛି ଗ୍ବାଲିଅର୍। ସେ ରାଜା ସୂରଯ ସେନ୍‌ଙ୍କୁ ବ୍ୟାଧିମୁକ୍ତ କରିଥିବାରୁ ତାଙ୍କ ନାମକୁ ଅମର କରିବାର ବ୍ୟବସ୍ଥା କରିଥିଲେ କୃତଜ୍ଞ ରାଜା। ନାଗାର୍ଜ୍ଜୁନକୋଣ୍ଡା ବିଖ୍ୟାତ ବୌଦ୍ଧ ସନ୍ନ୍ୟାସୀ ନାଗାର୍ଜ୍ଜୁନଙ୍କ ସ୍ମୃତି ବହନ କରେ। ଋଷି ଜାବାଳ (ସତ୍ୟକାମ ଜାବାଳ ନୁହନ୍ତି) ଜବଲ୍‌ପୁର ନାମଟିର ଉତ୍ସ। କଲିକତାର ଚୌରଙ୍ଗୀ ଦୁଇଶହ ବର୍ଷ ତଳେ ସେଠି ରହୁଥିବା ଚୌରଙ୍ଗୀ ଗିରି ବୋଲି ଜଣେ ସାଧୁଙ୍କ ନାମକୁ ଜୀବିତ ରଖିଛି - ଯଦିଓ ବିଶେଷ କେହି ଏ ବିଷୟରେ ଅବଗତ ନୁହନ୍ତି। ଆମ ଦେଶର ଦୁଇଟି ବଡ଼ ବଡ଼ ସହର ଦୁଇଜଣ ପ୍ରତାପୀ ଅସୁରଙ୍କ ନାମରେ ନାମିତ। ମହୀଷାସୁରର ସ୍ମୃତିରେ ମହୀଶୁର। ନଗରୀ ଉପାନ୍ତବର୍ତ୍ତୀ ଚାମୁଣ୍ଡା ପାହାଡ଼ ଉପରେ ଏ ଅସୁରର ନିଧନ କରିଥିଲେ ଦେବୀ। ତାଞ୍ଜାଭୁର ସହରର ନାମ ତାଞ୍ଜମ ନାମକ ରାକ୍ଷସର ନାମରୁ ଆହୃତ। ତେବେ, ଆମର ଦୁଇ ଦୁଇଟି ମୁଖ୍ୟ ମହାନଗରୀର ନାମକରଣ କେମିତି ହେଲା ଜଣାନାହିଁ। ଇନ୍ଦ୍ରପ୍ରସ୍ଥ କେମିତି ଦିଲ୍ଲୀ ହେଲା? ଗୋଟାଏ ଜନଶ୍ରୁତି ଅନୁସାରେ ସେଠି ଅତୀତରେ ବାରମ୍ବାର ଭୂକମ୍ପ ହେଉଥିଲା। ମାଟି ଢିଲା ବା ଢିଲି ଥିବାରୁ ଦିଲ୍ଲୀ ! କିନ୍ତୁ ଏହାଠୁଁ ଅଧିକ ସମ୍ଭାବନାମୟ ତଥ୍ୟ ହେଲା ଦିଲୀପ ନାମଧେୟ କୌଣସି

ରାଜାଙ୍କ ନାମରୁ ଏହି ଅପଭ୍ରଂଶର ଉତ୍ପତ୍ତି। ସେମିତି କଲିକତା। ଗୋଟାଏ ମଜାଦାର ଜନଶ୍ରୁତି ଅନୁସାରେ, ଜବ୍ ଚାର୍ଣ୍ଣକ୍, ଘାସବୋଝ ମୁଣ୍ଡାଇ ବାଟ ଚାଲୁଥିବା ଜଣେ ସ୍ଥାନୀୟ ଲୋକକୁ ସ୍ଥାନଟିର ନାମ କ'ଣ ପଚାରନ୍ତେ, ଲୋକଟି ଭାବିଲା, ତା' ଘାସ ତଟକା କି ନାହିଁ ଜାଣିବାକୁ ଚାହିଁଛନ୍ତି ସେ ଅଦ୍ଭୁତ ଭଦ୍ରଲୋକ। ହୁଏତ ଘୋଡ଼ାପାଇଁ କିଣିବେ। ସେ ଉତ୍ତର ଦେଲା 'କାଲ୍ କାଟା' – ଗତକାଲି କାଟିଛି। ଜବ୍ ଚାର୍ଣ୍ଣକ୍ ଧରିନେଲେ ସ୍ଥାନର ନାମ କାଲ୍‌କାଟା ! ତେବେ କାଳୀଘାଟ ଶବ୍ଦରୁ ହିଁ କଲିକତା ବା କାଲକାଟା ଶବ୍ଦର ଉତ୍ପତ୍ତି ଅଧିକ ବିଶ୍ବାସଯୋଗ୍ୟ।



# ଦଶହରା

ପବିତ୍ର ଦଶହରା ଏବଂ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ପ୍ରତ୍ୟେକ ପୂଜା ଦିବସକୁ ଏକ କବିତା ଆକାରରେ ପ୍ରକାଶିତ କରିଛନ୍ତି ଆମ (ଆହ୍ବାନ) ପରିବାରର ପ୍ରମୁଖ ସଦସ୍ୟ ଶ୍ରୀ ରଶ୍ମୀ ରଞ୍ଜନ ଦାଶ (ବାପ୍ପୁ) ।

## ଷଷ୍ଠୀ ଆସିଛି

ଅଶୀଣର ସ୍ବାଗତ ସଂଗୀତ କାଶତଣ୍ଡୀ ଗାଉଥିଲା
ସତେ ଅବା ତାହିଁ ଆଜି ପୂର୍ଣ୍ଣତା ଆସିଲା
ସୁନୀଳ ଅମ୍ବର ସତେ ସାଜିଛି ତୋରଣ
ଷଷ୍ଠୀ ଆଜି ହେବ ମା'ର ବେଳବରଣ... ୧
ବେଳାବରଣେ ମା'ର ହେଉଛି ସ୍ବାଗତ
ଅପୂର୍ବ ଆନନ୍ଦେ ଆଜି ନାଚଇ ଜଗତ

ବେଦଧ୍ବନୀ ଚଣ୍ଡୀପାଠେ ମଣ୍ଡପ କମ୍ପୁଛି
ଦୁଃଖହାରିଣୀର ନାମ ଝଙ୍କୃତ ହେଉଛି
ରହିବେନି କେହି ଦୁଃଖୀ ନଷ୍ଟ ଯିବ ପାପ
ଉଶ୍ବାସ ଲଭିବ ଧରା ଛାଡ଼ି ଭବତାପ

ହେ କଥା କବିତାର ଅନ୍ତରଙ୍ଗଗଣ
ସରବେ ଆସ କରିବା ମା'କୁ ବରଣ
ଶକ୍ତିମୟୀ ପ୍ରେମମୟୀ ବିଶ୍ବ ଜନନୀରେ
କାମ କ୍ରୋଧ ବଳିଦେଇ ଲୋଟିବା ପୟରେ

ଅହଙ୍କାର ଗର୍ବ ଦର୍ପ ଆହୁତିରେ ଦେଇ
ସ୍ବଧାୟ ଜଙ୍କକରିବା ପାଞ୍ଚମନକୁ ମିଶେଇ
ଦୟାମୟୀ ମା' ସେ ଯେ ଆଶିଷ ଢାଳିବ
ଭୟମୁକ୍ତ ଶୋକମୁକ୍ତ ଏଇ ପୃଥ୍ବୀ ଯେ ହୋଇବ

# ମହା ସପ୍ତମୀ

ଅଶୀଣ ଷଷ୍ଠୀର ବେଳ ବରଣାନ୍ତେ ସପ୍ତମୀ ଆସି ଅଛି
ସପ୍ତମୀ ବିହିତ ପୂଜା ଅର୍ଚ୍ଚନାରେ ଧରା ଆଜି ପୁରି ଅଛି

ଦଶଦୋଷ ଯେଣୁ ଲଭିଛି ମଣିଷ ପୂର୍ବକୃତକର୍ମ ଫଳେ
ସେ ସବୁକୁ ଆଜି ନାଶିବେ ଜନନୀ ଦଶ ଆୟୁଧରେ ବଳେ

କାମକ୍ରୋଧ ଲୋଭମୋହ ଓ ମାତ୍ସର୍ଯ୍ୟ ଆମ ମନେ ଅଛି ପୁରି
ସେ ସବୁକୁ ମା ପାଦରେ ଥୋଇଲେ ଆଶିଷ ପଡ଼ିବ ଝରି

ଲୋଡ଼ାନାହିଁ ପୂଜା ଅବା ନୈବେଦ୍ୟ ବଳି ଆଉ ଭୋଗବାଜା
ମା'କୁ ତ ଲୋଡ଼ା ସ୍ନେହ ଓ ମମତା ଭକ୍ତି ଫୁଲେ ତାକୁ ସଜା

ମନର ମଣ୍ଡପେ ହୃଦ-କମଳରେ ମା'କୁ ଆସିନକରି
ଭାବଜଳେ ତା'ର ପାଦ ଧୋଇ ଦେଲେ ମା ଯେ ହୋଇବ ତୋ'ରି

ଷୋଳପୂଜା ଅବା ଷୋଳ ଉପଚାର ଆମ୍ଭକୁ ତ ଜଣା ନାହିଁ
ଆମେ ସବୁ ଆଜି ନିଜକୁ ସମର୍ପି ଦେଉଛୁ ତୋ ପାଦଠେଇଁ

ରଖିଲେ ରଖିବୁ ମାରିଲେ ମାରିବୁ ହେ ମା' କରୁଣାମୟୀ
ପୁତ୍ରଗଲେ ନାଶ ରହିବକି ଯଶ ତୁ ହି ମା ଏଠିତ ଥାଇ

# ମହାଷ୍ଟମୀ

ସର୍ବଜନ ଆକାଂକ୍ଷାରେ ପୂର୍ଣ୍ଣଚ୍ଛେଦ ଦେଇ
ଅଷ୍ଟମୀ ଆସିଛି ଆଜି ଧରାରେ ଶକ୍ତିମୟୀ

ସର୍ବମାନସିକ ଆଜି ହୋଇବ ପୂରଣ
ରୋଗ ଦୁଃଖ ଜରା ବ୍ୟାଧି ମା କରିବେ ହରଣ

ବର୍ଷଯାକ ଅପେକ୍ଷାରେ ବିରାମ ଲାଗିଲା
ଶରତକାଳ ମହାପୂଜା ଅଷ୍ଟମୀ ଆସିଲା

ଅନେକ ଜନମପୂଣ୍ୟର ଆଜ ଶୁଭ ଫଳ
ମା ଷୋଳ ପୂଜା ପାଇଁ ଏଇ ପୂଣ୍ୟବେଳ

ଆସ ସର୍ବେ ଲାଗିଯିବା ତାହାରି ପୂଜାରେ
ଦଶହରା ନ ହୋଇବ ମା'ର ଇଚ୍ଛାରେ

ଏହି ପୂଜା ହେଉ ଆଜି ସାତ୍ତ୍ବିକ ସୁଖର ଫୁଆରା
ଶସ୍ୟଶ୍ୟାମଳା ହେଉ ମୋ ସୁନ୍ଦର ଧାରା

ବନ୍ୟାବାତ୍ୟା ଭୂମିକମ୍ପ ଅପସରି ଯାଉ
ପାପୀ ପାପ ଦୁଃଖୀ ଦୁଃଖ ଅନ୍ତେ ଛେଦ ହେଉ

କରୁଣାମୟୀ ମା'ଲୋ କରୁଛି ଦୟିନୀ
ଅପରାଧ କ୍ଷମା କରିବୁ ତ୍ରିପୁରମୋହିନୀ

## ମହାନବମୀ

ଶୁକ୍ଳନବମୀଯେ ଆଶ୍ବୀନମାସରେ ମା'କୁ ପୂଜିବା ଆସ ପ୍ରଜ୍ଞାନରେ
ନବରାତ୍ରଯେ ଆଜ ଶେଷ ଦିନ ମନଭରି କର ମା' ଦରଶନ
ଆଜି ଗଲେ ଚାଲି ନ ମିଳିବ ଆଉ ଜାଣ ଏଇ ସୌଭାଗ୍ୟରେ

ଶୁକ୍ଳନବମୀଯେ ଆଶ୍ବୀନମାସରେ ମା'କୁ ପୂଜିବା ଆସ ପ୍ରଜ୍ଞାନରେ

ମହିଷା ନାଶିବ ବାହାନକୁ ନେଇ ମା' ମୋର ଆସିଥିଲା
ସନ୍ତାନ ସନ୍ତତି ସ୍ନେହଭାବ ଦେଇ ନ  ଦିନ ରହିଗଲା
ଧରା ସତେ ଆଜି ସ୍ବର୍ଗପାଲଟିଲା ସାରାଜଗତ ଟା ମନ୍ତ୍ରପୂତ ହେଲା
ରିପୁଦଳ ଯେତେ ସବୁ ନାଶ ଗଲା ସୁଖରବରଷା ହେଲା
ଏହି ଅସମ୍ଭବ ସମ୍ଭବ ହୋଇଲା କୋଟି ଜନ୍ମ ପୂଣ୍ୟ ଫଳରେ
ଶୁକ୍ଳନବମୀଯେ ଆଶ୍ବୀନମାସରେ ମା'କୁ ପୂଜିବା ଆସ ପ୍ରଜ୍ଞାନରେ

ମା' ତ ଆମର ଭାରି ଦୟାମୟୀ ଛୁଆ ବିନା ଦଣ୍ଡେ ପାରେ ନାହିଁ ରହି
ତା'ପାଖକୁ ଯାଇ ତା'କୁ ଖୁସିଦେଇ ନାଚିବା ଚାଲ ମଉଜରେ
କାମଦାମ ଛାଡ଼ି ହୋଇ ଲମ୍ବା ଧାଡ଼ି ମା'କୁ କର ଭଜନ
ଆଜି ଗଲେ ଚାଲି ଆଉ କି ପାଇବ ମା' କୁ  ଏଇ ଭୁବନ
ଏ ବରଷପାଇଁ ଶେଷ ଥର ଆଜି ନାଚ ହେ ଶରଦ ମଉଜ ରେ
ଶୁକ୍ଳନବମୀଯେ ଆଶ୍ବୀନମାସରେ ମା'କୁ ପୂଜିବା ଆସ ପ୍ରଜ୍ଞାନରେ

ଭାବନାହିଁ ତୁମେ ପୂଜା ଯେ ଦେବାକୁ.. ଷୋଳ ଉପଚାର ଲୋଡ଼ା ନାହିଁ ତା'କୁ
ସେ ପରା କରୁଣାମୟୀ..
ଦୁଇ ହାତଟେକି ମା ମା କହି ଲୋଟ ତା ପାଦରେ ଯାଇ
ତାହାର ଦର୍ଶନେ ବହିଯିବ ଯେବେ ଆଖିରୁ ଦି ଧାର ଲୁହ
ମା'ର ପଣତ ଲମ୍ବିଆସି ଜାଣ ପୋଛିନେବ ସବୁ କୋହ
ଏଡ଼େ ବଡ଼ ଭାଗ୍ୟ ପାଇଛୁ ଆମେରେ ତଥାପି କାହିଁକି ଦୁଃଖିରେ
ଶୁକ୍ଳନବମୀଯେ ଆଶ୍ବୀନମାସରେ ମା'କୁ ପୂଜିବା ଆସ ପ୍ରଜ୍ଞାନରେ

## ଶୁଭ ବିଜୟା ଦଶମୀ

ଶୀରିହୀନ କରି ଧରଣୀ ରାଣୀକି ମା' ଆଜି ଯାଏ ଚାଲି

ମା' ବସିଥିଲା ଯେଉଁ ମଣ୍ଡପରେ ତାହା ତ ପଡ଼ିବ ଖାଲି

ଏଇ ବରଷର ଶରଦମଉଜ ଆଜି ଜାଣ ଶେଷ ହେଲା
ମା ବିନା ସବୁ ଲାଗେ ଖାଲି ଖାଲି  ମନ ବିରସ ହୋଇଲା

ମା' ସର୍ବମଙ୍ଗଳା... ମା ଅସୁରଦଳା
କେମିତି ରହିବୁ କହ ତୋତେ ନ ଚାହିଁ

ନବଦିନ ସତେ କେବେ ଚାଲିଗଲା କିଛି ବୁଝିପାରିଲୁନି
ତୋର ପଣତର ଅଭୟ ଛାଇ ଯେ ଯେଣୁ ଥିଲା ପାସେ ପୁଣି

ଆଜି ଦଶମୀରେ ସତେ ସେ ପଣତ ଆମ୍ଭଠୁ ଦୂରେଇ ଗଲା
ଅଣ୍ଟା ଭାଙ୍ଗିଗଲା କଷ୍ଟ ବହୁ ଦେଲା ତୋର ଏ ବିଚ୍ଛେଦ ଲୀଳା

ମା ମହିଷାଦଳା ଭକ୍ତ ଗଳାର ମାଳା
ତୋ ବିନା ବୁଡ଼ିବ ସତେ ଆମରି ଭେଳା

ମୃଦଙ୍ଗ ଖଲି ଢୋଳ ଭେରି ତୁରୀ ସବୁ ଆଜି ଥମିଗଲା
ଶୁଭ୍ର କାଶତଣ୍ଡୀ ମା'ର ବିହୁନେ ଦେଖରେ ମଉଳିଗଲା

ମା ଦେଲୁ ଲୋ କଷ୍ଟ ଯାହା ବଡ଼ ଗରିଷ୍ଠ
କେମିତି ସହିବ ତୋର ନିରିହ ପିଲା...

ବଞ୍ଚିଥିବି ଯେତେ ଆର ବରଷକୁ ଦେଖିବି ତୋତେ ଲୋ ମୁହିଁ
ସେହି ଦିନଟିକୁ ଆଜିଠୁ ଗଣୁଛି କାନ୍ଥରେ ଗାର ମୁଁ ଦେଇ

କେତେ ଦେବାଦେବୀ ପୂଜା ଯେ ହୋଇବ ତୋର ଏଇ ପୂଜାପରେ

ଯେତେ ଆସିଲେ ବି କିଏ ବା ହୋଇବ ଦୂର୍ଗା ମା ପରକାରେ

ଅନ୍ତିମେ ମା ଲୋ କରୁ ଅଛି ଅଳି ଅଧମ ପୁଅ ମୁଁ ତୋର
ଯଦି ହେଇ ପାରେ ନ ଯା ତୁ ମା'ଲୋ ମୋତେ କରିଦେଇ ଦୂର

ଲକ୍ଷେ ମହିଷା ଯେ ଆଜି ବି ଅଛନ୍ତି ଅସୁର ସବୁରି ପୁରେ
ତୁ ଚାଲିଗଲେ ସେମାନଙ୍କଠାରୁ ରକ୍ଷା କିଏ କରିପାରେ

ଜାଣିଛି ଲୋ ମା ସୃଷ୍ଟିର ନିୟମ ତୋତେ ରଖିବାକୁ ହେବ
କାମସରିଗଲେ ତୋତେ ତୋ ପୁରକୁ ନିଶ୍ଚେ ଫେରିବାକୁ ହେବ

ତଥାପି ମା ଲୋ ତୋହ ପୁଅ ପାଇଁ ନିୟମକୁ ଭାଙ୍ଗି ଦେ
ମା ଛୁଆର ସମ୍ପର୍କ ପାଇଁକି ନିୟମକି ଅବା ଥାଏ

ଛାତି ଫାଟି ଯାଏ କୋହ ଆବେଗରେ ପାରୁନି କିଛି ମୁଁ କହି
ତୋହର ବିଦାର ଦେଖିବା ଆଗରୁ ମଲିନି କାହିଁକି ମୁହିଁ

ଅନ୍ତିମେ ଏତିକି କରୁଛି ମୁଁ ଅଳି ମା ଲୋ ଘେନାକରିବୁ
ମୋ ମନ ସଦା ତୋହରି ଚରଣେ ଲଗାଇ ଯେ ରଖିଥିବୁ

ମୋ କାଳିଆ ମୁହେଁ ସଦାବେଳେ ମୁହିଁ ତୋତେ ଯେ ଦେଖୁଣ ଥିବି
ତୋହ ପୁଅ ବୋଲି ଗର୍ବରେ ମୁହିଁ ତ ମୁଣ୍ଡ ଉଠେଇ ଚାଲିବି



# ପୂଜା ଓ ପ୍ରେମ

ଡଃ କୁଳାଙ୍ଗାର

ଦୂର୍ଗାମେଢ଼ ଦେଖେଇ
କହିଲି ପ୍ରିୟେ !
ତମ ଦେହ, ମୁହଁ ଚାଲିଚଳନ
ସବୁ ଦୂର୍ଗାପରି, ନୁହଁ ?
ପ୍ରେମିକା ପଚାରିଲା-
ଆଉ ତମେ !
ମହିଂଷାସୁର ନା’ ସିଂହ ??

ମୁଁ କହିଲି – ପ୍ରିୟେ !
ସମସ୍ତେ ପୂଜାରେ ଏତେ
ଅଫର ପରେ ଅଫର ଦେଉଛନ୍ତି
ତମେ ତ ଦଉନ ପ୍ରେମରେ;
ପ୍ରେମିକା କହିଲା-
ବିଦେଶୀ ପୁଞ୍ଜିର ବିନିଯୋଗ ହେଲେ
କମ୍ କରିବି ଦାମରେ।

ମୁଁ କହିଲି- ପ୍ରିୟେ
ତମେ ମୋର ପୂଜା ପତ୍ରିକା
ଦିନକୁ ଦିନ ପୃଥୁଳକାର
ବଢ଼ଇ କିନ୍ତୁ ଦାମ୍;
ପ୍ରେମିକା କହିଲା-
ଲୋଭରେ ତୁମେ କିଣୁଚ ସିନା
ପଢୁଚ କିନ୍ତୁ କମ୍ ।



# ଦି ଟଙ୍କିଆ ଚାଉଳ

ମାନସ ରଞ୍ଜନ ଦାଶ

ଇୟେ କେଉଁ ସାଧାରଣ ଚାଉଳ ନୁହେଁ
ଗରିବ ଜନତାଠୁ ଭୋଟ୍ କିଣିବାର
ସବୁଠୁ ଶସ୍ତା ଉପାୟ,
ଲାଚାର୍ ମଣିଷ ଏଠି, ସବୁ ବୁଝି ବି
ପେଟପାଇଁ ମାନିନିଏ
ସରକାରୀ ସର୍ତ୍ତ ସବୁ ବିନା ସର୍ତ୍ତରେ
ସବୁ ବୀମା, ସବୁ ଆୟୋଜନ
ଧୂଳିଲଗା ଫାଇଲ ଭିତରେ ଦବିଯାଏ
ତା ସହିତ ଦବିଯାଏ ସ୍ବାଭିମାନୀ ହୃଦୟର ଆଶା
ଯେବେ ପେଟରେ ଦାନା
ଆଉ ଦେହରେ କନା ନଥାଏ,
ସ୍ବାଭିମାନ୍ ଭଳି ଶବ୍ଦ ଭାରି ଔପନ୍ୟାସିକ ଲାଗେ
ଆଜି, କିଛି ନ ହେଲେ ବି
ଚାଉଳ ତ ମିଳୁଛି,
ଆ'ଠୁ ବେଶୀ କିଛି ମିଳିବାର ଆଶା ବି ତ ନାହିଁ
ବଦଳରେ ଭୋଟ୍ ନିଅ ପଛେ,
ପେଟକୁ ମୋ ଦାନା ଦିଅ,
ଭୋକରେ ମରିବାଠୁଁ ଭୋଟ୍ ବିକି ଜିଇଁବା
ଆଜି ଶ୍ରେୟସ୍କର ଲାଗେ !!!



# ଇଣ୍ଟରଭ୍ୟୁ

ସନ୍ତୋଷ କୁମାର ମହାରଣା

ଇଣ୍ଟରଭ୍ୟୁ ବୋଲି ଶବ୍ଦଟିଏ ଶୁଣିବା କ୍ଷଣି ମନ ଭିତରଟାରେ ଏକ ଅଜଣା ଝାପସା ଛବିଟିଏ ଆଙ୍କି ହୋଇଯାଏ। ଯେଉଁଥିରେ ଥାଏ କାହିଁ କେଉଁ ଏକ ଅସଜଡ଼ା ଭଙ୍ଗା ହୋଇଥିବା ଖବର କାଗଜ ଉପରେ କଲମରେ ଗୋଲ୍ ଗୋଲ ବୁଲା ହୋଇଥିବ ଚାକିରୀର ବିଜ୍ଞାପନ ଆଉ ଇଣ୍ଟରଭ୍ୟୁ ନେଉଥିବା ମଣିଷ ଗୁଡ଼ାକ ଯେଉଁ ମାନଙ୍କ ଆଖୋ ଗୁଡ଼ିକ ଦେଖାଯାଉଥିବ ଭୋକିଲା ଚିଲ ଶାଗୁଣାର ଆଖି ପରି, ଏକାଥରକେ ନଜରଥାଏ, ବିଚରା ନିରୀହ ଲୋକଟା ଉପରେ ଯିଏ ନିଜର ସବୁକିଛି ହରାଇ ଗୋଟାଏ ଚାକିରୀ ପାଇଁ ଆସିଥାଏ ଇଣ୍ଟରଭ୍ୟୁ ଦେବାକୁ।

ଦେଶରେ ଦିନକୁ ଦିନ ଏହି ଅଭାଗା ମାନଙ୍କ ସଂଖ୍ୟା ବଢ଼ିବାକୁ ଲାଗୁଛି। ଏହି ମାନଙ୍କ ଭିତରେ ମୁଁ ଜଣେ ଅଭାଗା। ଯାହା ପାଇଁ ପ୍ରତିଦିନର ସକାଳ ନେଇଆସେ ନୂଆ କିଛି ପାଇବାର ଆଶା ଓ ଆକାଂକ୍ଷା, ଆଶା ଏକ ଚାକିରୀ ପାଇବାର, ସରକାରୀ ହେଉ ଅବା ବେସରକାରୀ। ହେଲେ ସନ୍ଧ୍ୟା ହେଉ ହେଉ ଆଶା ନିରାଶାରେ ପରିଣତ ହୋଇଯାଏ। କଲେଜରେ ପଢୁଥିବା ବେଳେ ବହୁତ ଆଶାଥିଲା ଯେ ପାଠ ସରୁ ସରୁ ମୋ ପାଇଁ ଚାକିରୀଟେ ନିଶ୍ଚେ ମିଳିଯିବ, ହେଲେ ବାସ୍ତବତା ଯେ କେତେ କଠୋର ତାହା ଏବେ ଜାଣିପାରୁଛି।

ପ୍ରତିଦିନ ସକାଳୁ ଉଠି ନିତ୍ୟକର୍ମସାରି ପ୍ୟାଣ୍ଟସାର୍ଟ ଆଇରନ୍ କରି ସାର୍ଟିଫିକେଟର କପି ଫାଇଲକୁ ଧରି ବାହାରି ପଡ଼େ ଇଣ୍ଟରଭ୍ୟୁ ପାଇଁ। ଆଶା ଥାଏ ଅନ୍ତତଃ ଆଜି ସୂର୍ଯ୍ୟାସ୍ତ ପୂର୍ବରୁ ମୋତେ ଚାକିରୀ ନିଶ୍ଚୟ ମିଳିଯିବ। କିନ୍ତୁ ସବୁ ଇଣ୍ଟରଭ୍ୟୁରେ ସେଇ ଏକା ପୁରୁଣା ପ୍ରଶ୍ନ। ଏଇ ଚାକିରୀ ପାଇଁ ଆପଣଙ୍କ ଅଭିଜ୍ଞାତା ଅଛି କି ? (ଆରେ ବାବୁ ଚାକିରୀ ତ ନାହିଁ ଅଭିଜ୍ଞତା କୋଉଠୁ ଆସିବ ? ଚାକିରୀଟାଏ ଦିଅ, ଅଭିଜ୍ଞତା ଆପେ ଆପେ ଆସିଯିବନି) ଆଗରୁ ଯୋଉଠି ଚାକିରୀ କରୁଥିଲ ଛାଡ଼ିଲ କାହିଁକି ? (ଅନିଚ୍ଛା ସତ୍ତ୍ବେ ପୁରୁଣା ଅଫିସ ବିଷୟରେ ବହୁତ ଭଲଭଲ କଥା କହି କହିବାକୁ ପଡ଼ିବ ମୋର ଯିବା ଆସିବା ଅସୁବିଧା ହେଲା କିମ୍ବା

ସ୍ବାସ୍ଥ୍ୟ ଖରାପ ଥିଲ ଇତ୍ୟାଦି ଇତ୍ୟାଦି) ତୁମେ କେତେ ଦରମା ଆଶା କରୁଛ ? (ଆଶାର କଣ କେବେ କିଛି ସୀମା ରହିଛି? ମୁଁ ଦଶ ହଜାର କହିଲେ କଣ ଦେଇପକେଇବ ?) ତଥାପି ଦାନ୍ତ ନିକୁଟେଇ କହିବାକୁ ପଡ଼ିବ, ଆପଣ ଭଲଭାବରେ ଜାଣନ୍ତି ସାର୍। ଥରେ ମୋତେ ଏଇ ଚାକିରୀ ଦେଇ ଦେଖନ୍ତୁ, ଆପଣ ନିଜେ ହିଁ ମୋ ଦରମା ବଢ଼ାଇବା ପାଇଁ ସୁପାରିସ୍ କରିବେ। ଇଣ୍ଟରଭ୍ୟୁ ନେବା ଲୋକ ସତରେ ମୋ ଉପରେ ଖୁସି ହେବାପରି କହିବେ, 'ବାଃ ଆପଣଙ୍କ କନ୍‌ଫିଡ଼େନ୍ସ୍ ଦେଖିଲେ ଖୁସି ଲାଗୁଛି।' କିନ୍ତୁ ପୁଣି କହିବେ, 'ଠିକ୍ ଅଛି, ଆପଣ ବର୍ତ୍ତମାନ ଯାଆନ୍ତୁ, ଇଣ୍ଟରଭ୍ୟୁର ରିଜଲ୍ଟ କାଲି ଆସି ଅଫିସ ନୋଟିସ ବୋଡ଼ରେ ଦେଖିନେବେ।' ନୂଆ ନୂଆ ଏଇ ସବୁ କଥା ଶୁଣି ବହୁତ ଆଶା ହେଉଥିଲା, ହେଲେ ଏବେ ଆଉ ସେ ସବୁ ଲାଗୁନି। ମନକୁ ମନ ନିଜକୁ ସନ୍ଦେହକରି ପ୍ରଶ୍ନ ସୃଷ୍ଟି ହେଉଛି, ମୋ ଭିତରେ ନିଶ୍ଚୟ କେଉଁଠି ଗୋଟେ କିଛି ତୃଟି ରହିଯାଇଛି। ନିଜକୁ ନିଜେ ଦର୍ପଣରେ ଦେଖୁଛି, ମୋ ସାର୍ଟ ଠିକ୍ ନୀଳ ଦିଆଯାଇ ଆଇରନ୍ କରାହେଇଛି। ପ୍ୟାଣ୍ଟ ବି ଠିକ୍ ଅଛି। ଜୋତା ବି ବଢ଼ିଆ ପଲିସ ହେଇଛି। ମୁହଁଟା ବି ଠିକ୍ ଅଛି, ଯଦିଓ ନିରାଶାଯୋଗୁଁ ସାମାନ୍ୟ ଫିକା ପଡ଼ିଯାଇଛି। କିନ୍ତୁ ପ୍ରତିଦିନ ନିର୍ଭୁଲରେ ନିଶଦାଢ଼ୀ ସଫାକରୁଛି। ରାତିସାରା ଏଇ ଗୋଟିଏ ପ୍ରଶ୍ନ ମନକୁ ଆନ୍ଦୋଳିତ କରୁଚି, ମୋତେ ଚାକିରୀ ମିଳୁନାହିଁ କାହିଁକି ?

ପୁଣି ସକାଳ ହେଉ ହେଉ ସେଇ ଏକା କଥା, ପୁଣିଥରେ ଖବର କାଗଜ ଧରି ନିଯୁକ୍ତି ପୃଷ୍ଠାକୁ ତନ୍ନ ତନ୍ନକରି ଖୋଜିବା ଆଉ ଚାକିରୀର ବିଜ୍ଞାପନଥିଲେ ତାକୁ ନାଲି କଲମରେ ଚିହ୍ନଟ କରି ରଖିବା। ତେଣେ ଖବର କାଗଜରେ ପଢ଼େ ଏଇ ବର୍ଷ ସରକାର ଅଧିକ ଦୁଇଲକ୍ଷ ନିଯୁକ୍ତି ସୃଷ୍ଟି କରିଛନ୍ତି, ମନେ ମନେ ଭାବେ ଏଇ ଦୁଇଲକ୍ଷ ଭିତରେ ମୁଁ ହେଇ ପାରିବି ? କେଜାଣି, କାରଣ ମୋ ପାଖରେ କୌଣସେ ବଡ଼ ଲୋକର ସୁପାରିସ୍ ନାହିଁ। ସେଇମିତି ଥିଲେ ଇଣ୍ଟରଭ୍ୟୁ ଯିବାକୁ ପଡ଼ନ୍ତାନାହିଁ। କେହି କେବେ ଏଇ ବିଷୟରେ ମୋତେ ଅବଗତ କରାଇ ନାହାନ୍ତି। କରିଥିଲେ ବି କଣ ହୋଇଥାନ୍ତା। ମୋ ପାଇଁ କିଏ ସୁପାରିସ୍ କାହିଁକି କରନ୍ତା!

ଆଜି ସମସ୍ତଙ୍କ ପାଇଁ ମୁଁ ଗୋଟିଏ ଅଦରକାରୀ ବସ୍ତୁ । ବେଳେ ବେଳେ ଏମିତି ଅନୁଭବ ହୁଏ ଯେ ଏଇ ଇଣ୍ଟରଭ୍ୟୁ ନାମକ ପ୍ରହସନ ବନ୍ଦ ହେବା ଅତ୍ୟନ୍ତ ଜରୁରୀ।

ଚାକିରୀର ଆଶା ଦେଖାଇ ଜଣେ ଲୋକକୁ ଅଫିସକୁ ଡକାଇ ଏଇ ସବୁ ପ୍ରହସନ କରିବା ଦ୍ବାରା ଲାଭ କଣ ହେଉଛି। ଚାକିରୀ ଯାହାକୁ ମିଳିବା କଥା ତୁମେ ଦେଇ ଦେଉଛ।

ଏଇ ସମସ୍ୟାପାଇଁ କିଛିକାଂଶରେ ଆମେ ନିଜକୁ ଦାୟୀ ବୋଲି ମନେ କରିବା ଉଚିତ ବୋଲି ମୁଁ ଭାବେ। ବେରୋଜଗାରୀ ଏ ସମାଜର ଏକ ମୁଖ୍ୟ ସମସ୍ୟା। ଯାହାପାଇଁ ସମାଜରେ ଏବେ ନିତିଦିନ ଚୋରୀ, ଛିନତାଇ, ଡକାୟତି, ହିଂସା ଓ ମାଓବାଦୀଭଳି କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଆମର ଯୁବସମାଜ ମଧ୍ୟ ଏ ଦିଗରେ ସଚେତନ ହେବା ଜରୁରୀ। ସେମାନେ ପାଠ ସହିତ କିଛି ବୈଷୟିକ ଶିକ୍ଷା ନେବା ଉଚିତ, ଯାହାଦ୍ବାରା ସେମାନେ ପାଠପଢ଼ା ସରିବାପରେ ଚାକିରୀ ନ ମିଳିଲେ ମଧ୍ୟ ଆତ୍ମନିର୍ଭର ହୋଇପାରିବେ। ନିଜେ ନିଜ ଗୋଡ଼ରେ ଠିଆ ହୋଇପାରିବେ। ଅନ୍ୟପାଖରେ ଚାକିରୀ କରିବା ଅପେକ୍ଷା ନିଜେ ଅନ୍ୟକୁ ଚାକିରୀ ଯୋଗାଇ ଦେବାଭଳି କ୍ଷମତା ପାଇପାରିବେ। କେହିଜଣେ କହିଛନ୍ତି;

'ସ୍ବପ୍ନ ସେଇଟା ନୁହେଁ ଯାହା ଆମେ ଶୋଇବାପରେ ଦେଖୁ, ବରଂ ସ୍ବପ୍ନହେଉଛି ସେଇଟା ଯାହା ଆମକୁ ଶୁଆଇ ଦିଏ ନାହିଁ।'

ସ୍ବପ୍ନଦେଖ, ସ୍ବପ୍ନ ଦେଖିବାର ଅଧିକାର ସମସ୍ତଙ୍କର ଅଛି, କିନ୍ତୁ ସବୁବେଳେ କେବଳ ଚାକିରୀ କରିବାର ସ୍ବପ୍ନ ଦେଖନାହିଁ, କେବେ କେବେ ଚାକିରୀ ସୃଷ୍ଟିକରି ଅନ୍ୟକୁ ଚାକିରୀ ଯୋଗାଇ ଦେବାଭଳି ଆକାଂକ୍ଷା ବି ରଖ। ତେବେ ଯାଇ ସମାଜରୁ ବେରୋଜଗାରୀ ଓ ଗରିବୀ ସବୁ ଦୂର ହୋଇ ପାରିବ, ଆଉ ଏ ସମାଜରେ ତୁମେ ସସମ୍ମାନେ ବଞ୍ଚିପାରିବ।



# ଓଡ଼ିଆ ଲୋକଗୀତ

ବନ୍ଦନା ପଣ୍ଡା

ମୋ ନାଁ'ଟି ଉଇ,

ମାଟିରେ ଥାଇ, କାଠକୁ ଖାଇ

ପେଟ ପୁରାଇ, ମୋ ନାଁ ଟି ଉଇ...

ଇଟା ମାଟିର ଘର, ନଥାଏ ମୋ ପାଇଁ ଡର

ଚାଳ ଛପର ଘର, କରେ ମୁଁ ନାରଖାର

ଲୁଗା ପଟାକୁ ଖାଇ, ମୋ ନାଁ ଟି ଉଇ □

ଆବୁ ତାବୁ ଗିରି ସୂତା

ମାଁ କହିଲେ ପତରେ ପୂତା।

ପଢ଼ିଲେ ଶୁଣିଲେ ଦୁଧ, ଭାତ

ଗାଡ଼ି ଘୋଡ଼ା ସତକୁ ସତ।

ଗାଡ଼ି ଘୋଡ଼ା ଯୋଡ଼ାକୁ ଯୋଡ଼ା

ସେଥିରେ ଯିବି ଅଗରପଡ଼ା।

ଅଗରପଡ଼ା କେଉଁଠି ,

ମାମୁଁ ଘର ଯେଉଁଠି।

ମାମୁଁ ଘର ଯାଉଁ

ଡାଲିଭାତ ଖାଉଁ।

ଡାଲି ତ ଡାଲି ହରଡ଼ ଡାଲି

ମାମୁଁ ଯିବେ କଟକ କାଲି।

କଟକସାରା ବୁଲି ବୁଲି

ପଇସା ଦେବେ ବାରଣା

ଆଣିବେ କିଣି ଖେଳଣା।

ନୂଆ ସିଲଟ ପେନସିଲ୍

ପଢ଼ିବି ପାଠ ଅ... ଆ...

ଖୁସି ହେବେ ବାପା ମା□

ଆସ ଆସ ପାରାଯୋଡ଼ିକ, ମୋ ପିଣ୍ଡାରେ ବସ

ଖାଇବାକୁ ଦେବି ତୁମକୁ, ନଡ଼ିଆର ରସ

ପି'ବାକୁ ଦେବି ତୁମକୁ ମହାନଦୀ ପାଣି

ଶୋଇବାକୁ ଦେବି ତୁମକୁ ସୁନା ଖଟ ଆଣି□

ଚୁଆଁ ଚୁଇଁ ଭାଇ ଭଉଣୀ

ଆଣିଲେ ଚାଉଳ ଚୁନା,

ବିରିବାଟିଲେ ଚକୁଳି କଲେ

କହିଲେ ଚଟିଆ ଅନା।

କହିଲା ଚୁଆଁ କବାଟ ଖୋଲି

ବାଘ ମାମୁଁ ହେ ଆସ

ଚକୁଳି, ଚିନି, ଚଟଣୀ ଖାଇ

ଚଉକି ଉପରେ ବସ

ଚଉକି କଲା କଟମଟ

ବାଘମାମୁଁ ଛଟ ପଟ□

ଶୋଇପଡ଼ରେ କୋକରବାଇ

ତୋ ମା' ଯାଇଛି ଗାଇ ଚରେଇ

ଆସିଲେ ଆଣିବ ପାଚିଲା ବେଲ

କୋଳରେ ଧରିସେ କରିବ ଗେଲ □

ନଡ଼ିଆ ଗଛ ଧାଡ଼ିକି ଧାଡ଼ି

ଆସିଲାରେ ପିଲେ ଟ୍ରେନ୍ ଗାଡ଼ି

ଟ୍ରେନ୍ ଗାଡ଼ିରେ ବହୁତ ଲୋକ

ବୋହୁ ପିଲାଟି ଛଟ ପଟ

ଆଲୋ ବୋହୁ ଗାଧୋଇ ଦେବି

ସୋନ୍ ପାଉଡ଼ର ଲଗେଇ ଦେବି

ଯାହା ମାଗିବୁ ତାହା ଦେବି

ମୁଦି ମାଗିଲେ କୁଦି ଦେବି।

ଆମ କୋଳି ଜାମ କୋଳି, ପାଣିରେ ଭାସିଲା
ନୂଆ ବୋହୂର ଚୁଟି ଦେଖି ବିଲେଇ ନାଚିଲା
ବିଲେଇ ଘର ବିରିକାନି ଭଙ୍ଗା ଘଟ
ତୋ ବୋପା କାଳେ କେବେ ଦେଖିଛୁ କି ଦଣ୍ଡ ନାଚ ।

ଝରଣା ଝରେ ଝର ଝର୍
ପବନ ବହେ ସର୍ ସର୍
ମେଘ ଗରଜେ ଘଡ଼୍ ଘଡ଼୍
ଚଢ଼େଇ ଉଡ଼େ ଫଡ଼୍ ଫଡ଼୍
ବିଜୁଳି ମାରେ ଚକ୍ ଚକ୍
ମେଘ ବରଷେ ଟପ୍ ଟପ୍
ବେଙ୍ଗୁଲି ଡିଏଁ ଖପ୍ ଖପ୍
ଛାତି ହୁଅଇ ଧକ୍ ଧକ୍
ହାତୀ ଚାଲୁଥାଇ ଧପ୍ ଧପ୍
ଖସଡ଼ି ପଡ଼ିଲା.. ସପର୍ ସପ୍ ।

ଦୋକାନରେ ତା'ର ଘୁରଇ ପଙ୍ଖା
ବୁଢ଼ା ହନୁ ବସି ଗଢୁଚି ଶଂଖା

ଛପି ଛପି ଆସି ଶଙ୍କି ବିଲେଇ

ପଟେ ଶଂଖା ନେଇ ଗଲା ପଳେଇ

ଅକଲ ଗୁଡୁମ୍ ହେଲା ଦେଖି ପଟିଏ ଶଂଖା

ଦୁଇଟି ହାତରେ କେମିତି ବାନ୍ଧିବ ଭଲା ।

ଟଙ୍କା ପୁଡ଼ିଆଟି ହାତରେ ଧରି

ମାଙ୍କଡ଼ ଯାଉଛି ବଜାର କରି

ବଜାରୁ କିଣିଲା ନାଲିଆ ଲଙ୍କା

ନାଲି ଫଳଟି ଖାଇ ତା' ମୁହଁଟି ବଙ୍କା।

କିଚିରି ମିଚିରି କିଚିରି ମିଚିରି ଚଟିଆ

ଧାନ ଜଗିଥିଲା ନଟିଆ

ନଟିଆ ଧରିଲା ବାଡ଼ି

ଚଟିଆ ଗଲା ଉଡ଼ି।

ପିମ୍ପୁଡ଼ିଙ୍କ ଦିନେ ବସିଲା ସଭା

ବିଚାରିଲେ ଆଖୁ ଚାଷ କରିବା

ଯତନେ କିଆରି ପ୍ରସ୍ତୁତ କଲେ

ବାଛି ବାଛି ଚାରା ଲଗେଇ ଦେଲେ।

କିଆରିରେ ଦେଲେ ବାଡ଼ ଘେରାଇ

ପାତି ମାଙ୍କଡ଼କୁ ଦେଲେ ଜଗାଇ।

ବଢ଼ିଗଲା ଆଖୁ ହେଲା ପାକଳ

ହାତୀର ପାଟିରୁ ବହିଲା ଲାଳ।

ଆଖୁ କିଆରୀରେ ପଶିଲା ହାତୀ

ଚମ୍ପାଗଛ ଡାଳୁ ଡାକିଲା ପାତି

ଶୁଣିକି ପିମ୍ପୁଡ଼ି ଆସିଲେ ଧାଇଁ

ହାତୀ ପିମ୍ପୁଡ଼ିଙ୍କ ହେଲା ଲଢ଼େଇ।

ପିମ୍ପୁଡ଼ି କାମୁଡ଼ା ସହି ନପାରି

ହାତୀ ପଳାଇଲା ଜୀବନ ଛାଡ଼ି।

ହାତୀ ଖାଇଯିବ ଆମ ସମ୍ପତ୍ତି

ଛାଡ଼ି ଦେବୁ କି ଆମେ ପିମ୍ପୁଡ଼ି ଜାତି ।



# ଦଶହରା ମାଡ଼ି ଆସୁଛି

ସୁନୀଲ୍ ମିଶ୍ର

ପାଣିପାଗ କହେ ଋତୁ ବଦଳିନି
କ୍ୟାସେଟ୍ ଗୀତରେ କାଶତଣ୍ଡୀ ଫୁଲ ଫୁଟିଛି
ପାଟଶାଢ଼ୀ ସଙ୍ଗେ ସୁନାହାର ପାଇଁ
ରକ୍ତମୁଖା ସ୍ତ୍ରୀ, ଦେଖି ସ୍ବାମୀ ବି.ପି. ବଢୁଚି
ବୋନସ ଦେଖିକି ପାରଦ ତଳକୁ ଖସୁଚି
ଏମିତି ଲାଗୁଚି ଦଶହରା ମାଡ଼ି ଆସୁଚି।

ମା' ବୁଢ଼ୀଟାକୁ ସିଡ଼ିଘରୁ ତଡ଼ି
ନାତିନାତୁଣୀଏ ଗ୍ୟାରେଜକୁ ଭିଡ଼ି ନେଲେଣି
ମମ୍ମୀ ଯେ କରିବ ଫଳଥିଆ ବ୍ରତ
ସିଡ଼ି ତଳ ତେଣୁ ଯତନେ ସଜେଇ ଦେଲେଣି
ବୁଢ଼ୀମା' ତେଣେ କାନ୍ଦମିଶା ହସ ହସୁଚି;

ଆଲବମ୍ କୁଇନି ଆମ ରଙ୍ଗୀନାନୀ
ବାପା ରୁମାଲୁରେ ମିନିସ୍କର୍ଟ୍ ଟିଏ କରିଚି
ଅଣ୍ଟାକୁ ହଲେଇ ଛାତିକୁ ନଚେଇ
ମଡ଼ର୍ଣ୍ଣ ନାଚିବ, ମେଲୋଡ଼ି ପ୍ରୋଗ୍ରାମ୍ ଧରିଚି
କେତେ ଅନୁଷ୍ଠାନୁ ଅଗ୍ରୀମ ଡାକରା ଆସିଚି;

ରତନା ପବନା ପଦିଆ ହାଡ଼ିଆ
ଚାନ୍ଦା ମାଗୁଛନ୍ତି ଗାନ୍ଧୀ-ମୁଣ୍ଡ ଖଡ଼ ଖଡ଼ିଆ,
ଗ୍ରାମଦେବତୀଟା ଅପୂଜା ପଡ଼ିଚି
ତା'ରି ପାଖରେ ତୋରଣ କଲେଣି ବଡ଼ିଆ
ନୂଆ ଭଡ଼ାଟିଆ ବକରା ହେଇ କି ଫସିଚି;

ହରେକ୍ ରଙ୍ଗର ପୋଷ୍ଟର ଲଗେଇ
ନେତାମାନେ କେତେ ଶୁଭେଚ୍ଛା ବାରତା ଦେଲେଣି
ବଳି ବନ୍ଦକରି ଗାଁ ଟୋକା ମିଶି
ସାରିଆ ଗୁହାଳୁ ମାନସିକ ଖାସୀ ନେଲେଣି
ପୂଜା ମଣ୍ଡପଟା ମାଉଁସ ମାଉଁସ ବାସୁଚି;

ଗ୍ୟାସ, ଡ଼ିଜେଲ୍ ବଢ଼ିଲା ଭଳିଆ
ଗୋଟା ଲେମ୍ବୁସହ କଞ୍ଚା ଲଂକା ମୂଲ ବଢୁଚି
ଭିକାରୀ ପଣ୍ଡିତ ବାନା ଖାଉଡ଼ିଆ
ତିନିଜଣ ଧରି ଗଙ୍ଗେଶ୍ଚ ଯମୁନେ... ରଡୁଚି
ଗାଁରୁ ବ୍ରାହ୍ମଣ ଟାଉନୁ ଧପାଲୀ ଆସୁଚି;

ସାହିତ୍ୟିକ ମାନେ ନିଦ ଭୁଲିଲେଣି
କଲମ ମୂନରୁ ଗଳପକବିତା ଖସୁଚି
ବଛା ବଛା ଯେତେ ସମ୍ପାଦକଙ୍କର

ଦେହମୁଣ୍ଡ ସବୁ ତେଲିଆ ତେଲିଆ ଦିଶୁଚି
ବିଶେଷାଂକ ପାଇଁ କିଏ କେତେ ଅଂକ କଷୁଚି;

ଦୁଇଶ ଟଙ୍କାର ଡ୍ରେସ୍ ଉପରେ
ଛଅଶହ ଟଂକା ନୂଆ ଷ୍ଟିକରକୁ ଲଗେଇ
ପଚାଶ୍ ପର୍ସେଣ୍ଟ୍ ଡିସ୍କାଉଣ୍ଟ୍ ବୋଲି
ଷଡ଼ଙ୍ଗୀ ଭାଇନା ଅଫର ଦେଲାଣି ଟଙ୍ଗେଇ
ଅଫର୍ ଆଶାରେ ସବୁ ଦୋକାନରେ
ଜମାଣିଆ ଭିଡ଼ ଲମ୍ବିଚି
ଭିଡ଼କୁ ଦେଖିଲେ
ଏମିତି ଲାଗୁଚି, ଦଶହରା ମାଡ଼ି ଆସୁଚି।



# ମନ ପାରା

ବିଜୟଲକ୍ଷ୍ମୀ ବେହେରା

ଆରେ ମନ ପାରା

କେତେ ଆଉ ଖୁଣ୍ଟିବୁ ତୁ

ବିଶ୍ବାସର ଖୁଦକୁ ?

କେତେ ଆଉ ଚାଖିବୁ ତୁ

ସେ କୋହର ସ୍ବାଦକୁ ?

କେତେ ଆଉ ଲୋଟିବୁ ତୁ

ଈଶ୍ବରଙ୍କ ଚରଣେ

କେତେ ଆଉ ବୁଲିବୁ ତୁ

ଆଶାହୀନ ଗଗନେ ?

କେତେ ଆଉ ଧୋଇହେବୁ

ସନ୍ଦେହର ନିଆଁରେ

ପ୍ରତାରଣାର ବେଦନା

କେତେ ନେବୁ ହିଆରେ ?

ମନ ପାରରେ କହ ଥରେ

କେତେ ଆଉ ବୁଝେଇବୁ

ତୁ ନିଜେ ନିଜକୁ ?

କେତେ ଆଉ ସଜେଇବୁ

ତୋ ଜୁଇର ଶେଯକୁ ?



# ପ୍ରଶ୍ନଟିଏ

ସବିତା ସାମଲ

ପିଲାଦିନୁ ଅନେକ ପ୍ରକାର ବହି ପଢ଼ିଛି ଏଇ ଟପିକ୍ ଉପରେ। ମୃତ୍ୟୁରେ ଶରୀରକୁ ଆତ୍ମା ଛାଡ଼ିଦିଏ। ଆତ୍ମାର ମୃତ୍ୟୁ ନାହିଁ ସେ ଅମର। ସେ ସବୁକିଛି ଅନୁଭବ କରିପାରେ। ବିଚାର ବି କରିପାରେ। ଏ କଥା କେତେ ଦୂର ସତ ? କେବଳ ଆଧ୍ୟାତ୍ମିକ ମନୋଭାବ ନେଇ ଏକଥାକୁ ଅନୁଭବ କରାଯାଇ ପାରେ। କିନ୍ତୁ କୌଣସି ବୈଜ୍ଞାନିକ ପ୍ରମାଣ ଏଥିପାଇଁ ନାହିଁ। ମଣିଷମନ ଯେଉଁଠି କହେ ମୁଁ ବିଶ୍ବାସ କରୁଛି ତା'ମାନେ ଅବିଶ୍ବାସ ବି କରୁଛି। ବିଶ୍ବାସ ଆଉ ଅବିଶ୍ବାସ ତ ପରିପୂରକ। ସୃଷ୍ଟିକୁ ବୁଝିବା ଭାରି କାଠିକର ପାଠ। ସେଥିପାଇଁ କିଛି କଥାକୁ ତର୍ଜମା ନ କରି ଅବିଶ୍ବାସରେ ବିଶ୍ବାସ କରିବାକୁ ମଧ୍ୟ ପଡ଼ିଥାଏ।

ମୁଁ କାହିଁକି ଏତେ କଥା କହୁଛି, କାରଣ ଯଦି ଉପରୋକ୍ତ କଥାରେ ସାମନ୍ୟତମ ସତ୍ୟତା ଥାଏ ତେବେ ମୋ ପ୍ରଶ୍ନର ଉତ୍ତର ମୋତେ ଅବଶ୍ୟ ମିଳିବ। ସେଇ ପ୍ରଶ୍ନ ଯାହା ଗତ କିଛି ଦିନ ହେଲା ମୋ ମନକୁ ବ୍ୟତିବ୍ୟସ୍ତ କରି ପକାଉଛି। ଆଜି ବି ମୋ ଆଖି ଆଗରେ ସେଇଦିନଟି ନାଚି ଯାଉଛି, ଯେତେବେଳେ ଆଦି ମୁଣ୍ଡ ଟୁଙ୍ଗାରିଲା, ଘର ଭଡ଼ା ଦେବାପାଇଁ। ତା'ର ଚେହେରାଟି ସେ ଦିନ ମୋ ମନର ପ୍ରଚ୍ଛଦପଟରେ ଏମିତି ଛାପି ହୋଇଯାଇଛି ଯେ କେବେ ଲିଭିବନି। ମୋ ମନ ଭାରି ଖୁସି। କମ୍ ଦାମରେ ଏତେ ଭଲ ଉପର ଘରଟିଏ ପୁଣି ନିରାପଦ ସ୍ଥାନରେ, ବଜାର ଘାଟ ସବୁ ପାଖ, ଆଉ ପାଣି ଅସୁବିଧା ବି ନାହିଁ। ଆମେ ନୂଆ ବାହା ହୋଇ ଆସିଥାଉ। ସେ ଅଫିସ ଗଲାପରେ, ଫୋନ୍, ଟିଭି ଆଉ ଘର କାମରୁ ଫୁରୁସତ୍ ମିଳିଲେ ବାଲ୍‌କୋନିରେ ବସି ଗାଡ଼ି ମୋଟର, ରାସ୍ତାରେ ଯାଉଥିବା ଲୋକଙ୍କର ଚାଲିଚଳନ ବସି ଦେଖେ। କିନ୍ତୁ ମୋର ପ୍ରକୃତ ନଜର ହେଲା, ଆଦି ମା'ର ଘର। ସତରେ କି ସୁନ୍ଦର ! କେଉଁ ରାଜପ୍ରାସାଦଠୁ ବି କମ୍ ହେବ ନାହିଁ। ଆଉ ବଗିଚା ତ ଆଖି ଖୋସି ହେଇଯିବ। ବାହାର ଦେଶର ଗଛକୁ ବି ଯତ୍ନ ସହକାରେ ବଢ଼ାଯାଇଛି। ମୋ ମନରେ ଭାରି ଆଗ୍ରହ ସେ ଘରର ଇତିହାସ ଓ ଭୂଗୋଳ ଜାଣିବାପାଇଁ ଠିକ୍

ଅନ୍ୟମାନଙ୍କ ଭଳି। ହେଲେ ବଡ଼ ଘର ବଡ଼ ଗୁମର କଥା।

ଏତେ ବଡ଼ ଘର ଥିଲେ ସୁଦ୍ଧା ଆଦି ମା' ସବୁବେଳେ ଆମେ ରହୁଥିବା ଘର ସିଡ଼ିରେ ଆସି ବସିଥାଏ। ସୁବିଧା ଦେଖି ତାଙ୍କୁ ଘର ଭିତରକୁ ଚା' ପାଇଁ ଡାକି ଆଣିଲି। କଣ ଗୋଟାଏ ପଚାରିବାରୁ ମୁଁ ହାତରେ ଠାରି ଜଣାଇଲି ଯେ ତୁମ ଭାଷା ମୁଁ ବୁଝିପାରେନି। 'No Problem, I can communicate in English' । କି ପ୍ରାଞ୍ଜଳ ଭାବରେ ଆଦି ମା ଇଂରେଜୀ କହୁଛି। ମୁଁ ଖାଲିଟାରେ ବେଶଭୂଷା ଦେଖି ମୂର୍ଖ ବୋଲି ଭାବିନେଇଛି। ଏମିତି ଧିରେ ଧିରେ ଆଦିମା ସାଙ୍ଗରେ ମୋର ସମ୍ପର୍କ ବଢ଼ିବାକୁ ଲାଗିଲା। ହସ ହସ ମୁହଁ ସବୁବେଳେ ମନକୁ ସାନ୍ତ୍ବନା ଦେଲା ଭଳି କଥା ମୋତେ ଅନ୍ତରଙ୍ଗ କରି ଦେଇଥିଲା। ଦ୍ବିପହର ସମୟରେ ପ୍ରାୟ ଆଦିମା ଆମ ଘରକୁ ଆସେ। ମୁଁ ସବୁଦିନ ତାକୁ ଓଡ଼ିଆ ଖାଇବା ପରଶିଦିଏ। ତାଙ୍କର ସେଇ ଖାଇବାର ଯେଉଁ ଆନନ୍ଦ ମୋ ମନକୁ ବହୁତ ସନ୍ତୋଷ ଦିଏ। କଥା କଥାରେ ଜାଣିବାକୁ ପାଇଲି ଆଦିମା'ର ପାଞ୍ଚପୁଅ ଝିଅ। ସମସ୍ତଙ୍କ ଅବସ୍ଥିତି ସୁଦୃଢ଼। ମଝିଆ ପୁଅଟା ଆମେରିକାରେ ଅଛି। ସତରେ ଭଗବାନ ଯାହାକୁ ଦିଅନ୍ତି ମନ ଭରି କରି ଦିଅନ୍ତି। ମୁଁ ସବୁବେଳେ ଆଦି ମା'କୁ କୁହେ, 'ତୁମେ କେତେ ଭାଗ୍ୟବାନ ସତରେ, କେହି ବି ତୁମ ଉପରେ ଈର୍ଷ୍ୟା କରିବ।' ଆଜିକୁ କୋଡ଼ିଏ ଦିନ ତଳେ ଆଦିମା' ମୋତେ କହିଲା ତୁ ଜାଣିଛୁ ମୁଁ ସବୁଠୁ ଦୁର୍ଭାଗ୍ୟବତୀ ମା'। ଲୋକ ଜାଣିବାକୁ ମୋର ନାଁରେ କୋଟି କୋଟି ଟଙ୍କାର ସମ୍ପତ୍ତି ଅଛି। କିନ୍ତୁ ଦୁଇ ବେଳର ଖାଇବା ମୋ ଭାଗ୍ୟରେ ନାହିଁ। ଫ୍ରିଜ୍‌ରେ ରଖାହେଇଥିବା ଖାଇବା ସେଇମିତି ଥଣ୍ଡା ଦେଇ ଦିଅନ୍ତି। ତୁ ମୁଠାଏ ଗରମ କରି ଖାଇବାକୁ ଦେଇଦେଲେ ଲୋଭରେ ଖାଇଦିଏ। ପାଞ୍ଚଟି ଧନ ମୋର। ଆଜି ସମ୍ପତ୍ତିର ଲାଳସାରେ ଯେତେ ଖରାପ ବ୍ୟବହାର କଲେ ବି ମୁଁ ଆଶୀର୍ବାଦ ଦେବାଛଡ଼ା ଆଉ କଣ କରିପାରିବି। ନିଜ ପେଟରୁ ଜନ୍ମ ଦେଇଛି ଯେତେବେଳେ ଅଭିଶାପ ଦେଇପାରିବିନି। ମା' ଟା ପରା। ସେ କଥାର କୋହରେ ଆଖିର ଲୁହ ଜକେଇ ଆସି କାଗଜକୁ ଓଦା କରିପକାଉଛି। ଆଦି ମା'ର ଆଉ ମୋର ସେଇଟା ହେଲା ଶେଷ ଦେଖା। ପ୍ରତିଦିନ ଝରକା ଫାଙ୍କରେ ବାଲକୋନିରେ ଆଦିମା'ର ଘରକୁ ଚାହିଁବସେ କାଳେ ଆଦିମା ଦେଖା ଦେବ। ଆଉ ମୁଁ ହାତଠାରି ଡାକିବି। ହେଲେ ସାତଦିନପରେ

ହଠାତ୍ ଦିନେ ସେ ଇହଧାମ ତ୍ୟାଗକରି ଚାଲିଗଲା। ତା'ଘରେ କାନ୍ଦବୋବାଳି ଶୁଣିଲା ପରେ ମୋ ମନରେ ଦକା ଲାଗିଲା। ଆଦିମା ଆଉ ନଥିଲା।

ମୋ ଆଖିର ଲୁହ କାହାକୁ ଦେଖାଇ ନ ପାରିଲେ ବି ତକିଆରେ ମୁହଁ ଦେଇ କାହିଁକି ଏତେ କାନ୍ଦିଛି ମୁଁ ବି ଜାଣେନି। ମୋ ଘରୁ ଆଦିମା'ର ଘର ସ୍ପଷ୍ଟ ଦେଖାଯାଏ। ମଝିଆ ପୁଅ ଆମେରିକାରୁ ଆସିଲା ଯାଏଁ ଆଦିମା'ର ଶରୀରକୁ ଗୋଟିଏ ବଡ଼ କାଚ ଭିତରେ ସୁରକ୍ଷିତ କରି ରଖିଥାନ୍ତି। ନୂଆ ଶାଢ଼ୀ ପିନ୍ଧି ରଥରେ ବସେଇ କ୍ରିୟାକର୍ମ ପାଇଁ ନେଲାବେଳେ ଆଦିମା' ଠିକ୍ ରାଣୀଟିଏ ପରି ଦେଖାଯାଉଥାଏ। ସହରର ପ୍ରାୟ ସମସ୍ତେ ଆସିଥାନ୍ତି। କାହାକୁ ଚର୍ଚ୍ଚାରେ ଊଣା ନାହିଁ। ଆଦିମା' ଯଦି ଏ ସବୁ ସତରେ ଦେଖୁଥିବ କେଡ଼େ ଖୁସି ହେଉନଥିବ ! ଆଜି ଆଦିମା' ଚାଲିଯିବାର ବାରଦିନ। ସହରଟା ଯାକର ଲୋକ ଜମା ହେଇଛନ୍ତି। କ'ଣ ବ୍ୟଞ୍ଜନ ପ୍ରସ୍ତୁତ ହୋଇନି ବୋଲି କହିପାରିବନି। ଆଦିମା'ର ଆତ୍ମାର ସଦଗତି ନିମନ୍ତେ ପୁଅଝିଅମାନେ କ'ଣ ନ କରିଛନ୍ତି ଖାଲି ଦେଖିବା ଲୋକ ହିଁ କହିପାରିବ। ଆଦିମା'ର ଆତ୍ମା ଯଦି ସବୁ ଦେଖିପାରୁଛି ମୋତେ ଖାଲି ମୋର ଏଇ ପ୍ରଶ୍ନର ଉତ୍ତର ଦେଇ ପାରିବ ଯେ ମଣିଷ ବଞ୍ଚିଲା ବେଳେ ତ କେହି ପଚାରିଲେ ନାହିଁ, ମରିଗଲା ପରେ ଏହି ପ୍ରଶଂସା ଆଉ ଗୁଣଗାନ କ'ଣ ଲୋକ ଦେଖାଣିଆ ନା କ୍ଷମାପ୍ରାର୍ଥନା ?



# ଶ୍ରୀ ରାଧା ୨୪

ବିଜୟ ପ୍ରଧାନ

ଜାନିଛେ ଜାନିଛେ ଆଝିର୍ ସଖାଲ୍ ହେଲେଁକି
ମାହାଗୋର୍ ବଦନାମ୍ ଅଛେ ମୋର୍ ଭାଏଗେଁ
ଗୌଁଡ଼୍‌କୁଟୁମ୍‌ମାନେ ମୋର୍ ଜୁଗି ବସିଥିବେ
ବାଏର୍‌ଆଡ଼ର୍, ଡାଁଡ଼୍‌ଆଡ଼ର୍ ଦୁଆର୍‌ବନ୍ ଆଗେଁ ।

ଦାଁତ୍ ଚାବି ବସିଥିବେ ଗୁମ୍‌ସେଇଁ ହେଲେଁ
ମତେ ଫଟିକ୍ ଦିଶୁଛେ ଭିତ୍ରେଁ
ମୁହୁଁଆଁ ଥିବା ମତେ ପାଏଲେଁକି ସଭେ
ଗୁଟାମୁଟା ଝୁନିଦେବେ ଚୋକ୍ ଚୋକ୍ ଦାଁତେଁ।

ଭିତରକେ ଗଲାବେଳେଁ ଦୁଆର୍‌ବନ୍ ଛେକିଁ
ସାଁପ୍ ଲେଖେଁ ଫଁ ଫଁ କେତ୍‌ନି ଗର୍ଜିବେ
ନିଜର ସବୁ ନାଡ଼ି ଭିତ୍ରୁଁ ମହରା ନିଝ୍‌ରେଇଁ
ସୁନ୍ଦର୍ ସଖାଲ୍‌ଟାକେ ଛୁଛେଁ ବିଷାନ୍ କର୍‌ବେ।

ନେଇଁନ ମୋର୍ ଗନ୍ତି ଥିଁ, ସେମାନେ
ଭାବି ପାର୍‌ଲା ପାପ୍ କେଡ଼େ ଛୁଛା,
ମୋର୍ ସବୁ ମର୍‌ଲା ଆଶ୍ ମାନକୁଁ ମୁଇଁତ
ହେନ୍ତେଇଁ ନଙ୍ଗ୍‌ଲା କରିଁ ଭୁଲେଇ ଯାଏସିଁ
ଲାଜେଁ ଲାଜେଁ ଦେବାର୍‌କେ ପଛଘୁଚା।

ମୁଇଁ କେଁ ନେଇଁ ବୁଝେଇଁ ମୋର୍ ମନ୍ ବଝେଇକେ
ଯେତେବେଲେଁ ଇ ଦିହି ହଉଥିଲା ଅଥୋଥାଲି ?
ମୁଇଁ କେଁ ଗୁର୍‌ଦୁ ଥର୍ ଦୁଆର୍‌ବନ୍ ସେଫାଲୁଁ
ଉବାଟେଁ ଯିବାର୍ ଡହେଁ ନେଇଁ ଆସିଁ ଫିରି ?

ହେଲେଁ ଯେତେବେଲେଁ ଜାନ୍‌ଲିଁ ଥର୍ ଥର୍ ମୋର୍
ଜନମ୍ ହେବାର୍ ଆରୁ ମର୍‌ବାର୍ ଅଦେଖ୍‌ତେଁ ଝନେ
ପଛେଁ ପଛେଁ ଯଉଥିସି ଲେହେଁଟି ଦେଖ୍‌ଲେଁ
ଲୁକ୍‌ଲୁକାନି ଖେଲୁଥିସି ପାନିଁ ଆର୍ ପବ୍‌ନେ,

ଫେର୍ ତାର୍‌ସୁଖେଁ ଆଏସି ଯେତେବେଲେଁ ମୋର୍
ଆତ୍ମା ଡହେଁ କଁପୁଥିସି ଖାଲି,
ସେତେବେଲେଁ କେନ୍ତେଇଁ ମୁଇଁ କହେତିଁ ତାକେ ଇ

ପାପ୍ ପୀର୍ତିନୁ ପଛେ ମରନ୍ ବନେ ବଲିଁ ?

କାଏଁଯେ କହେତିଁ ? ସେତେବେଲେଁ ତ ମୁଇଁ
ବୁଝ୍‌ଲିଁ ଯିଏ ଚାହେଁଲେଁ ଛନେକେ
ଫିଙ୍କି ଦେବା ମୋର୍ ସବୁ ପାପ୍, ପୁଇନ୍, ରୋଗ୍ ମରନ୍ ଯାହା
ଅପାରୁପନ୍‌କେ ତାର୍ ସୀମ୍‌ନାଥିଁ ରଖିଛେଁ।

କାଏଲ୍ ସଖାଲ୍‌ପୁଆକେ ଯେନ୍ ବଦ୍‌ନାମ୍ ମିଲ୍‌ବା ମତେ
ତାର କେଁ କିଛି ମାନେ ଥିବା ମୋର୍ ଲାଗିଁ ?
ମୁଇଁ କେଁ ମାଗୁଛେଁ କିଛି ସଁସାର୍‌ଠାନୁ ଯେ
ଉଠ୍‌ବସ୍ ହେମି ତାର୍ ଆଙ୍ଗ୍‌ଠି ଦେଖାଥିଁ ?

ଯାହା ଯାହା ମୁଇଁ କର୍‌ମି ତାକେ ଆଏଜ୍‌ଠାନୁ
ଆରୁ ଝନେ ସେ କରିଛେ ବଲିଁ କହୁଥିବା,
ଦିନେ ମୁଇଁ ଆଉ ନିଶାସ୍ ନେଇଁ ନିଏଁ ବଲିଁ
ସେ ଭିଲ୍ ତାର୍ ଶେଷ୍ ନିଶାସ୍ ଛାଡ଼୍‌ବା ।

ଶ୍ରୀ ରମାକାନ୍ତ ରଥଙ୍କର ବହୁ ଚର୍ଚ୍ଚିତ, ପୁରସ୍କୃତ ଏବଂ ବହୁ ଭାଷାରେ ଅନୁବାଦିତ ହୋଇ ସାରିଥିବା ଶ୍ରୀରାଧା ର ସମ୍ବଲପୁରୀ ଅନୁବାଦରୁ ୨୪ ନମ୍ବର କବିତା।



# ତ୍ୟାଗ

ଅକ୍ଷୟ କୁମାର ରାଉତ

ଆଖିର ଲୁହକୁ ଶତଚେଷ୍ଟା କରିମଧ ରୋକି ପାରୁନଥିଲା ସାଗର। ନାରୀଟିଏ ବୁକୁର ବେଦନାକୁ ଭୁଲିବା ପାଇଁ ଲୁହକୁ ସାଥିକରିନିଏ, କିନ୍ତୁ ଜଣେ ପୁରୁଷ ନାରୀ ଭଳି କାନ୍ଦିପାରେନା। କୁହାଯାଏ, ପୁରୁଷ ହୋଇ କାନ୍ଦିବାଟା ସମାଜକୁ ଶୋଭା ଦିଏନା। କିନ୍ତୁ ଯେତେବେଳେ ଗୋଟିଏ ପୁରୁଷ ଅସହାୟ ହୋଇପଡ଼େ, ସେତେବେଳେ ତା' ଆଖିରୁ ଗଙ୍ଗାଯମୁନାର ସ୍ରୋତ ବହିଚାଲେ। ଆଜି ସାଗର ଠିକ୍ ସେଇ ଅବସ୍ଥାରେ ଆସି ପହଞ୍ଚିଛି। ପ୍ରାଣପ୍ରିୟା ପତ୍ନୀର ବିୟୋଗରେ ମର୍ମାହତ ହୋଇ ସେ ପାଲଟି ଯାଇଛି ପାଷାଣ। କେମିତି ବଞ୍ଚିବ ସେ, କାହାଲାଗି ଜିଇଁବ ସେ, ଏମିତି ଅନେକ ପ୍ରଶ୍ନ ତା'ମନରେ ଉଙ୍କିମାରିଛି। ବାହାଘରର ପାଞ୍ଚବର୍ଷକୁ କେମିତି ସେ ଭୁଲିଯିବ। କେମିତି ସେ ଭୁଲିଯିବ ପ୍ରୀୟାର ତ୍ୟାଗ ବଳିଦାନକୁ, ଯିଏ ଏକ କୁଳୀନ ବ୍ରାହ୍ମଣ ପରିବାରର ହୋଇଥିଲେ ମଧ, ତା'ଭଳି ଜଣେ ଅସବର୍ଣ୍ଣ ଅର୍ଦ୍ଧ ଶିକ୍ଷିତ ଯୁବକ ପାଇଁ ନିଜର ପିତାମାତା ଆତ୍ମୀୟସ୍ବଜନ ଓ ସମାଜକୁ ଖାତିର ନ କରି ତା'ହାତ ଧରି ଚାଲି ଆସିଥିଲା। ପ୍ରୀୟା ଆସିବା ପରଠାରୁ ସବୁକିଛି ବଦଳି ଯାଇଥିଲା ତା' ଜୀବନର ରଙ୍ଗମଞ୍ଚରେ। ସେ ତା'କୁ ସମାଜ ବିରୁଦ୍ଧରେ ସ୍ବର ଉଠାଇବାର ସାହସ ଦେଇଥିଲା। ତାର ପ୍ରେରଣା ଏବଂ ଚେଷ୍ଟା ଯୋଗୁଁ ସେ ଆଜି ଗ୍ରାଜୁଏଟ୍ ହୋଇ ପାରିଛି। କିନ୍ତୁ ଏ ସବୁର ମୂଲ୍ୟ ତା'ପାଇଁ ଆଉ କିଛି ନାହିଁ।

ପ୍ରୀୟା ସବୁଦିନ ପାଇଁ ତାକୁ ଛାଡ଼ିଦେଇ ଚାଲିଯାଇଛି। ଯେଉଁ ଦିନ ପ୍ରୀୟାର ଆକସ୍ମିକ ଦୁର୍ଘଟଣା ହେଲା, ସେହି ଦିନଠାରୁ ଆରମ୍ଭ କରି ଦୀର୍ଘ କୋଡ଼ିଏ ଦିନ, ମେଡ଼ିକାଲରେ ରହିବାଯାଏ, ନା ସେ ଥୟ ଧରିଛି ନା ନିଜ ପେଟରେ ଦାନାଟିଏ

ଭଲରେ ଦେଇଛି। ହେଲେ ବିଧିର ବିଧାନ ଆଗରେ ସେ ବା କିଏ, ଏକ ଛାର ମନୁଷ୍ୟମାତ୍ର। ଡାକ୍ତର ମାନଙ୍କ ଶତଚେଷ୍ଟା ବିଫଳ ହେଇଛି ଆଉ ପ୍ରୀୟା, ସାଗରକୁ ଛାଡ଼ି ଚାଲିଯାଇଛି।

ଦୀର୍ଘ ତିନିମାସ ବିତିଗଲାଣି ପ୍ରୀୟାର ମୃତ୍ୟୁକୁ। ସାଗର ପ୍ରତିଦିନ ଅଫିସରୁ ଫେରିବା ବାଟରେ ଫୁଲଗୁଚ୍ଛାଟିଏ ନେଇ ପ୍ରୀୟାର ସମାଧିପାଖକୁ ଯାଏ। ଏବଂ ସେ ଜାଣେନା କେତେ ସମୟ ସେଠାରେ ବସି ବସି ଅନେକ କଥା କହେ, ପୁଣି ବିଳମ୍ବ ରାତିରେ ଘରକୁ ଫେରେ। ଦିନ ସାରାର ଘଟଣା ସବୁ ଟିକିନିଖି କହିଚାଲେ, କେତେବେଳେ ହସୁଥାଏ, କେତେବେଳେ ଗମ୍ଭୀର ହୋଇଯାଏ ତ କେବେ କାନ୍ଦିପକାଏ। ଆଖପାଖ ସବୁ ଗାଁ ଲୋକ ଏହା ନିତି ଦେଖୁଥାନ୍ତି। ତା'ପାଇଁ ଅନେକ ବିବାହ ପ୍ରସ୍ତାବ ଆସୁଥିଲେ ସୁଦ୍ଧା ସେ କେବେ ବି ରାଜି ହୁଏନି। ଗାଁ ଲୋକ ତା' ଭଲ ପାଇବାର ଉଦାହରଣ ଦିଅନ୍ତି। ସେ ପ୍ରୀୟାପାଇଁ କିଛି କରିପାଇନି ସତ ହେଲେ ତା' ସ୍ମୃତିକୁ ମନରେ ସାଇତି ରଖିଛି।

ସବୁ ଦିନ ଫୁଲ ଦୋକାନରୁ ଫୁଲ ଗୁଚ୍ଛା କିଣିବା ବେଳେ ଦୋକାନୀ ମାଳିର ସୁନ୍ଦରୀ ଝିଅ ସାଗରକୁ ଦେଖି ମୁରୁକି ହସିଦିଏ। ସାଗର ଓଠରେ ଫିକା ହସଟିଏ ତା'ର ପ୍ରତ୍ୟୁତ୍ତରରେ ଦେଇ ଚାଲିଯାଏ। ସବୁଦିନ ସେଇ ଏକା ଝିଅକୁ ଦେଖେ ସତ ହେଲେ ପ୍ରୀୟାର ସ୍ମୃତିରେ ସେ ଏତେ ବିଭୋର ହୋଇଯାଏ ଯେ ତା'କୁ ଅନ୍ୟ କୌଣସି ଝିଅ ପ୍ରତି ଆକର୍ଷଣ ଦେଖାଯାଏ ନାହିଁ। ହେଲେ ସବୁ ଦିନ ସମାନ ଯାଏନି। କେଜାଣି କେମିତି ପ୍ରତିଦିନ ଦେଖିବା ଭିତରେ ସେଇ ଝିଅରେ ସେ ନିଜ ପ୍ରୀୟାକୁ ଦେଖିବା ଆରମ୍ଭ କରିଦେଲା। ଯଦିଓ ସେ ନିତି ସେଇ ଏକା ଫୁଲ ଗୁଚ୍ଛାନେଇ ଯାଏ ଏବଂ ପ୍ରୀୟାର ସମାଧି ପାଖରେ ସମୟ ବିତାଉଥିଲା, କିନ୍ତୁ ସେ ଅନେକ ସମୟ ସେ ଝିଅଟି ବିଷୟରେ ବି ଭାବିବାକୁ ଆରମ୍ଭ କରିଦେଲା।

ଏଇମିତି ଦିନେ ସମାଧି ପାଖରେ ପହଞ୍ଚିବା ବେଳକୁ ପଛରୁ ସେ ଝିଅଟିର କଣ୍ଠସ୍ବର ବାରିପାରି ଚାହିଁଲା ବେଳକୁ ସେ ଝିଅ ସେଠାରେ ଆସି ପହଞ୍ଚିଲା। ସେ କହିଲା, 'ଆଜି ପରି ଯୁଗରେ ତୁମ ପରି ପତ୍ନୀପ୍ରେମୀ ପାଇବା ଅସମ୍ଭବ। ମୁଁ ତୁମ ବିଷୟରେ ଅନେକ ଶୁଣିଛି। ମୁଁ ତୁମର ବ୍ୟଥାକୁ ଅନୁଭବ କରି ପାରୁଛି। ମୋତେ ତୁମ ସ୍ନେହରୁ କାଣିଚାଏ ପ୍ରଦାନ କରି ଗ୍ରହଣ କଲେ ମୁଁ ନିଜକୁ ଧନ୍ୟ ମନେ କରିବି। ମୁଁ... ତୁମକୁ ଭଲ ପାଏ।'

ସାଗରର ଶରୀରରେ ଶିହରଣ ଖେଳିଯାଉଛି। ଅନିଚ୍ଛା ସତ୍ତ୍ବେ ସେ ସମାଧି ପାଖରୁ ଦୂରେଇ ଯାଉଛି। ସମାଧି ଉପରେ ଦେଇଥିଲା ଫୁଲ ଗୁଚ୍ଛାରୁ ଲାଲ ଗୋଲାପଟିଏ ବାହାର କରି ଆଣି ବଢ଼େଇ ଦେଇଛି ସେ ଝିଅଟିକୁ। ନିଜ ବାହୁକୁ ସେ ବିସ୍ତାର କରୁଛି, ଝିଅଟି ତା ଛାତିରେ ମୁଣ୍ଡ ଗୁଞ୍ଜିବା ପରେ ସେ ତା'କୁ ନିବିଡ଼ ବନ୍ଧନରେ ନେଇଛି, ଲାଗୁଛି ସତେ ତା' ପ୍ରୀୟା ପୁଣିଥରେ ଫେରିଆସିଛି। ସଞ୍ଜ ନଇଁ ଆସୁଛି.. ହେଲେ ସାଗରକୁ ଲାଗୁଛି ତା ଜୀବନରେ ନୂତନ ସୂର୍ଯ୍ୟୋଦୟ ହେଉଛି।

# ବିସ୍ମୟ ପୃଥିବୀ

ଅର୍ଚ୍ଚନା ମହାନ୍ତି

- କୋକାକୋଲା ପ୍ରକୃତରେ ସବୁଜ ରଙ୍ଗର।
- ପୃଥିବୀର ସବୁଠାରୁ ସାଧାରଣ ନାମ ହେଉଛି ମହମ୍ମଦ।
- ଜିଭ ହେଉଛି ଶରୀରର ସବୁଠାରୁ ଶକ୍ତିଶାଳୀ ମାଂସପେଶୀ।
- ନିଜ ନିଃଶ୍ବାସ ବନ୍ଦ କରି କେହି ଆତ୍ମହତ୍ୟା କରି ପାରିବେ ନାହିଁ।
- ଯେତେ ଚେଷ୍ଟା କଲେ ବି ନିଜର କହୁଣୀକୁ ନିଜ ଜିଭରେ ସ୍ପର୍ଶ କରିପାରିବେ ନାହିଁ।
- କେହି ଛିଙ୍କିଲେ ପାଖରେ ଥିବା ଲୋକମାନେ 'ବ୍ଲେସ୍ ୟୁ' / 'ବୁଢ଼ା ବା ବୁଢ଼ୀ ହେଇଥା' ବୋଲି କହିବାର କାରଣ ହେଉଛି, ଛିଙ୍କିଲା ବେଳେ ହୃତପିଣ୍ଡ କିଛି କ୍ଷଣପାଇଁ କାର୍ଯ୍ୟ କରିବା ବନ୍ଦ କରିଦିଏ।
- ଘୁଷୁରୀମାନେ ମୁଣ୍ଡ ଉଠାଇ ଆକାଶକୁ ଦେଖି ପାରନ୍ତି ନାହିଁ।
- "Sixth Sick Sheik's Sixth Sheep's Sick" ଇଂରାଜୀ ଭାଷାର ଏହି ବାକ୍ୟଟିକୁ ବାରମ୍ବାର ଆବୃତ୍ତି କରିବା ବହୁତ କଷ୍ଟ ବୋଲି କୁହାଯାଇଛି।
- ମହୁ ଏପରି ଏକ ଖାଦ୍ୟପଦାର୍ଥ ଯାହା କେବେ ନଷ୍ଟ ହୁଏ ନାହିଁ।
- ପ୍ରଜାପତି ତା'ର ପାଦରେ ସ୍ବାଦ ବାରିପାରେ।
- ହାତୀ ଏପରି ଏକ ପ୍ରାଣୀ ଯିଏ କେବେ ଡେଇଁ ପାରେନାହିଁ।
- ଗତ ଚାରିହଜାର ବର୍ଷଠାରୁ କୌଣସି ନୂତନ ପ୍ରଜାତିର ପ୍ରାଣୀ ଗୃହପାଳିତ ପଶୁ

ରୂପେ ପାଳିତ ହୋଇ ନାହିଁ।

- ଅଧିକାଂଶ ଲିପ୍‌ଷ୍ଟିକ୍ ମାଛ କାତିରେ ତିଆରି ହୋଇଥାଏ।
- ନିଜର ବୁଢ଼ା ଆଙ୍ଗୁଠି ଓ ନିଜ ନାକ ସମାନ ଦୈର୍ଘ୍ୟ ବିଶିଷ୍ଟ ଅଟେ।
- କୌଣସି କାଗଜ ୭ଥରରୁ ଅଧିକ ଥର ମୋଡ଼ାଯାଇପାରିବ ନାହିଁ।
- ଓଟପକ୍ଷୀର ଆଖି ତା'ର ମସ୍ତିଷ୍କଠାରୁ ଆକାରରେ ବଡ଼ ହୋଇଥାଏ।
- ଜ୍ଞାନୀ ଲୋକଙ୍କର ମୁଣ୍ଡର ବାଳରେ ଅଧିକ ମାତ୍ରାରେ ଜିଙ୍କ୍ ଓ କପର୍ ଥାଏ।
- ବିଦ୍ୟୁତ ବଲ୍‌ବର ଉଦ୍ଭାବକ ଥୋମାସ୍ ଏଡ଼ିସନ ଅନ୍ଧାରକୁ ଡରୁଥିଲେ।
- ଗୋଟିଏ ହାତୀ ଶାବକ ଦିନରେ ୮୦ ଲିଟର ପର୍ଯ୍ୟନ୍ତ କ୍ଷୀର ପିଇ ପାରେ।



# ଯୁଗଳ ସଙ୍ଗୀତ

କାହ୍ନା ପଟ୍ଟନାୟକ

ଜୁ ଜୁ ଜୁ... ଜୁ ଜୁ...

ପୁ – ଆକାଶର ଚନ୍ଦ୍ରମା ସାଜିଛି ମୋର ପ୍ରିୟା

ମେଘ ଓଢ଼ଣୀ ତଳେ ଦିଶୁଛି ମୋର ପ୍ରିୟା,

ଓ ପ୍ରେମର ଏ ଦୁନିଆ ଲାଗୁଛି ନୂଆ ନୂଆ...

ଝି – ଚାନ୍ଦ ହେଇ ମୁଁ ଯିବି ଡାକିଲେ ଥରେ ତୁ ଆ

ରାତି ସାରା ମୁଁ ଥିବି ନକହିଲେ ତୁ ଯା...

ଓ ପ୍ରେମର ଏ ରାତି ଟା ଲାଗୁଛି ନୂଆ ନୂଆ...

ପୁ – କାହିଁକି ତତେ ଖୋଜୁଛି ଏତେ ଏଇ ମୋ ଦୁଇ ଆଖି

ଝି – ଓ ହୋ ହୋ..., ଲାଗୁଛି ମୋତେ ତୁ ମୋର ଶହେ ଜନମ ସାଥୀ

ପୁ - ବେରଙ୍ଗ ଥିଲା ଜୀବନ ମୋର, ଭରିଲ ରଙ୍ଗ ଅବିର...

ଝି – ଓ ହୋ ହୋ..., ବେସୁରା ଥିଲା ମନ ଟା ମୋର, ଭରିଲ ସାତ ସୁର...

ପୁ – ଟୋପାଏ ସିନ୍ଦୁରରେ ଆଜି ଭରିବି ସିନ୍ଥି

ଝି – ତୁ ମୋ ଜୀବନ ମୋ ପାଖେ ତୁ ଥା' ରେ ଏମିତି

ଓ ସିନ୍ଦୁର ଟୋପାଏ ଆଜି ଲାଗୁଛି ନୂଆ ନୂଆ...

ଝି – ମନକୁ ମୋର ଚୋରେଇ ନେଲୁ କେବେ କହନା

ପୁ – କେମିତି ଆଲୋ କହିବି କହ, ନିଜେ ମୁଁ ଜାଣେନା

ଝି – ତୋ ପାଇଁ ଆଜି କାଲି ମୁଁ ସାଥୀ ସାରା ଦୁନିଆ ପରା

ପୁ – ତୁ ତୋ ପ୍ରେମ, ଡାକୁଛି ମୋତେ ପାଖକୁ ତୋର

ଝି – ମୋ ହାତ କେବେ ଚାନ୍ଦ ହେବ ରେ ହାତରେ ତୋର

ପୁ – ଗଢ଼ି ଉଠିବ ସେବେ ନୂଆ ସମ୍ପର୍କ ଆମର

ଓ ସମ୍ପର୍କ ଏ ପ୍ରେମର ଲାଗୁଛି ନୂଆ ନୂଆ...

ଝି – ଓ ପ୍ରେମର ଏ ରାତି ତ ଲାଗୁଛି ନୂଆ ନୂଆ

ପୁ – ଓ ପ୍ରେମର ଏ ଦୁନିଆ ଲାଗୁଛି ନୂଆ ନୂଆ

ଲା ଲା ଲା ଲା.... ହେ ହେ ହେ ହେ...



# ସ୍ତ୍ରୀ

ପ୍ରତୀକ୍ଷା ଜେନା

ମୁଁ ଆଉ ଖୋଜୁନି ନିଜକୁ
ହଜେଇ ଦେଇଛି ପରିଚୟ,
କାହାଣୀର ମଝି ଅଧ୍ୟାୟରେ
ବାଛି ନେଇଛି ଅନ୍ଧକାର
ବିଧି ନିର୍ଦ୍ଧିଷ୍ଟ ବୋଲି
ସ୍ବୀକାର କରିଛି
ଚାରିକାନ୍ଥରେ ସୀମିତ ପୃଥିବୀକୁ
ଜରିପକା ଜହ୍ନରାତି,
ପେଣ୍ଟା ପେଣ୍ଟା ଫୁଲର ମହକ
ସ୍ମୃତିର ନଈକୂଳ, ଶରତ ସକାଳର
ନହନହ କାଶତଣ୍ଡୀ...
ସବୁ ଏବେ ନିରର୍ଥ ନିରର୍ଥ,
ସ୍ବପ୍ନରେ ବିଭୋର ମୋର
କୁମାରୀ ବୟସ
ଏବେ ପରିତ୍ୟକ୍ତ ପରିଚ୍ଛେଦ
ମୁଁ ଆଉ ଖୋଜୁନାହିଁ
ଶିରି ଶିରି ପବନରେ
ମିଠା ଶିହରଣ,

ମୁଁ ଆଉ ଖୋଜୁନାହିଁ
ଶ୍ରାବଣର ଭିଜା ଭିଜା
ହୃଦୟର ନିରବ ନିବେଦନ
ଏବେ ଚାରିକାନ୍ଥରେ ସଜେଇଛି
ସବୁ ସ୍ବପ୍ନ
କଣ୍ଟାପିଟି ଟାଙ୍ଗିଦେଇଛି
ମୃତ ଇଚ୍ଛା ସବୁର
ରଙ୍ଗୀନ ଚିତ୍ରପଟ,
ଯେମିତି...
ସାମ୍ରାଜ୍ଞୀ ମୁଁ
ଏଇ ମୋର ନିର୍ଦ୍ଧାରିତ ବଳୟର
ମୋରି ଆଜ୍ଞାରେ
ଦିନ ଆଉ ରାତିର ପ୍ରବେଶ ଏଠି
ହେଉ ବରଂ ସମର୍ପି ଦେଇଛି
ମୋର ଦେହ ମନ,
ଟାଣି ଦେଇଛି ଲକ୍ଷ୍ମଣର ତିନିଗାର
ଅଭିପ୍ସାର ଏରୁଣ୍ଡି ବନ୍ଧରେ...



# ଆକସ୍ମିକ

ବିନୟ ମୋହନ ଦାସ

ଆକସ୍ମିକ ଚକ୍ଷୁର ଆଦାନ ପ୍ରଦାନ
କରିପାରେ ଦୁଇ ମନେ ପ୍ରେମ ଆବାହନୀ
ଆଣିପାରେ ସିଦ୍ଧାନ୍ତର ପ୍ରେମ ଭାବମୁଦ୍ରା
ତୋଳିପାରେ ନିଚ୍ଛକ ସଂଗୀତ ରାଗିଣୀ ।

ହେଉ ପଛେ ସଂସାରର ଅତି କ୍ଷୁଦ୍ରତମ
ଯଦି ଆକସ୍ମିକ ତର୍ଜମା ତାହାରି ଉପରେ
ପୃଷ୍ଠଭୂମିରେ ଲୁକ୍କାୟିତ ଅତି ଗୂଢ଼ତତ୍ତ୍ୱ
ନିର୍ବିଘ୍ନରେ ସମସ୍ତଙ୍କ ସାମ୍ନାକୁ ବାହାରେ ।

ବିଚକ୍ଷଣ ମସ୍ତିଷ୍କ ଯଦି କରେ ଗବେଷଣା
ସୃଷ୍ଟି ଯେ ନିଶ୍ଚୟ – ଏକ ଆକସ୍ମିକ ସୃଷ୍ଟିର
ପ୍ରକୃତି ବି ଚିନ୍ତାକରେ କେମିତି କରିବ ବର୍ଣ୍ଣନା
ସ୍ନିଗ୍ଧ ପ୍ରତିଛବି ସେହି ସିଦ୍ଧାନ୍ତ ସୃଷ୍ଟିର ।

ଗତିଶୀଳ କର୍ମମଧ୍ୟେ ଆକସ୍ମିକ ସମୟ ନିର୍ଣ୍ଣୟ
ନିମିଷକେ ହେଲେ ବାଟବଣା
ଚିନ୍ତାଶକ୍ତି ସାଥେ ତଡ଼ିତ୍ ନିଷ୍ପତ୍ତି, ନେବା ବି କଠିନ
ସ୍ୱାଭାବିକ... ହେବ ଦୁର୍ଘଟଣା ।



# କବିତା ଝର

କମଳ କୁମାର ଦାଶ

କବିତା ଝରେନି ଟେବୁଲ୍ ଉପରେ
ଅବା ପ୍ରିୟାର ହସରେ
କବିତା ଝରେନି ନଦୀର କୂଳରେ
ଅବା ଝରଣାରେ ଧାରେ – ୧
କବିତା କବିର ଗହନ ମନର
ସପନ ନଦୀର ସୁଅ
କବିତା କବିର ଅନ୍ତର ତଳର
ହସର କାନ୍ଦର ଝୁଅ – ୨
କବିତା କବିର ଫୁଲେଇ ପ୍ରେମିକା
ଅଳସୀ ସୁନ୍ଦରୀ ପ୍ରିୟା
ସପନ ନଈର ଆରପାରି ଘର
ପାହାଡ଼ ତଳେ ତା ଗାଁ – ୩
କବିତା କବିର ଭାବ-ପ୍ରବଣତା
ପ୍ରେମ ପ୍ରଣୟର ଗୀତ
ତା'ର ହୃଦୟର ଦରଦୀ ମନର
କରୁଣାଭରା ସଂଗୀତ – ୪
କବିତା କବିର କଳ୍ପନା ପ୍ରବାହ
ଅନୁଭବ ଜୀବନର
କିଛି ସ୍ମୃତି ଆଉ କିଛି ଅନୁଭୂତି
କାହାଣୀ ଗଲା ଦିନର – ୫



# ପ୍ରଭାତ

ସବିତା ପ୍ରଧାନ

ସଜଳ ଆଖିରେ କଜ୍ଜଳ ନାଇ, କହୁଛି ରଜନୀ ଦେଖ,
ବାସର ଶେଯରେ ଛାଡ଼ି ଗୋ ଯାଅନି, ମନରେ ଭରି ମୋ ଦୁଃଖ,
ଆଖିରେ ଆଖିଏ ଲୁହକୁ ଚାପିଛି, କରନାହିଁ ଉଦାସିନୀ
ଅସ୍ତ ସୂରୁଜକୁ ମଥାରେ ଭରି ମୁଁ, ହୋଇଅଛି ସୀମନ୍ତିନୀ...

କୁଆଁ ତାରା ମୋର ନାକର ବସଣୀ, ଚାନ୍ଦକୁ କରିଛି ଟିକା,
ସପ୍ତ ତାରକା ମୋ ଗଭାର ଜୁଇ, ତଟିନୀ ମୋ କଟି ସୁତା,
ବୈତରଣୀ ମୋର ପାଦର କିଙ୍କିଣୀ, ବନାନୀ ପଣତ ଛୁଏଁ,
ପର୍ବତ ମୋହର ଶ୍ରେଷ୍ଠ ଶୃଙ୍ଗାର, ସଂଧ୍ୟାକୁ ଚାହିଁ ରହେଁ...

ଶିଶିର ପଡ଼ିଲେ ଅଙ୍ଗେ ମୋହର ମନେ ହୋଇଯାଏ କ୍ଷତ,
ମେଲାଣୀ ଦୁଆରେ ଠିଆ କରି ମୋତେ କରିଦିଏ ଭାରାକ୍ରାନ୍ତ;
ମଉଳା ଫୁଲକୁ ସଜାଡୁ ସଜାଡୁ, ଗଙ୍ଗଶିଉଳୀକୁ ଚାହେଁ,
ସିନ୍ଦୁରା ଫାଟିଲେ ତୁମ ଆଗମନେ, ମୁହିଁ ଅସ୍ତମିତ ହୁଏ □



# ବନ୍ଧୁତ୍ବ

ଶ୍ବେତା ଆଚାର୍ଯ୍ୟ

ମିଛି ମିଛିକା ବାଲିଘର ଖେଳରୁ
ଆରମ୍ଭ ଆମର ବନ୍ଧୁତ୍ବ ଥିଲା ।
କେତେ ରାଗରୁଷା, କଥା କଟାକଟି
ପୁଣି କଟି ପକାପକି...
କେବେ ଆଉ କଥା ହେବିନି ଯା...
ଦୁଇ ଦିନ ମୁହଁ ଫୁଲା;
ତୃତୀୟ ଦିନକୁ ପୁଣି ପିଠା ଖିଆ ଆଉ
ଗଛକୁ ଢେଲାମାରି ଆମ୍ବ ଝଡ଼େଇ ଖିଆ !!!
ଦିନ ଗଡ଼ି ଗଡ଼ି ବନ୍ଧୁତ୍ବ ଦୁରେଇଲା
କାରଣ ସେଇ ଏକା... ସବୁ ଦିନିଆ ଘସରା !!!
କଣ ନା, ଘର ସଂସାର କରି ସମୟ ନୋହିଲା !!!
ହଉ ତେବେ... ଆର ଥରକୁ ଦେଖା ହେବା...
ଏଇ ଖରା ଛୁଟି ରେ ନଗଲେ
ଦଶରା' ରେ ଗାଁ ଗଲେ ଭେଟାଭେଟି ହେବା ।
ନା, ମ ଯାଇ କୋଉ ହଉଛି !!!
ଏଇ ପରା ମୁଁ ନ ରହିଲେ ଠିକ୍ ରେ ଖାଇବେନି;
ଆଉ ପୁଣି ପୁଅ ଏଥରକ ମାଟ୍ରିକ୍ ଦେବ,
ହଉ ଆଉ କିଛି ଦିନ ଯାଉ...

ଏମିତି ହେଇ ହେଇ ବାଳ ପାଚିଲାଣି ଲୋ ମା...

ଏଇ ଆର ପୁରକୁ ବି ଟିକଟ କାଟିଲେ !

ପୁଅ କହିଲା, ମା ଲୋ କମ୍ପାନୀ ଚାକିରୀ ତ

ଛୁଟି କୋଉ ମିଳୁଛି ? ଭାରୀ ଝମେଲା...

ତୁ ହବିଷ କରିବାକୁ ପୁରୀ ପଳା,

ମୁଁ ଫୋନ୍ କରିଦେଇଛି, ଲୋକ ଆସି ଧର୍ମଶାଳାରେ ରଖିଦେବେ

ଶଃ...!!! ଏଇ ତ ମଉକା

ଗାଁ କୁ ଫେରି ଯିବାକୁ

ମୋର ପ୍ରକୃତ ପୁରୀ,

ପୁରୀ ଯିବି ଯେ ହେଲେ ସାଙ୍ଗ ସାଙ୍ଗେ ଯିବାର ଯୋଉ ମଜା,

ସିଏ କୋଇ ମିଳୁଚି କମ୍ପାନୀ ଚାକିରୀଆଙ୍କ ମେଳା ରେ ?

ହେଇଟି ମୁଁ ଯାଉଛି ଗାଁ କୁ,

ତୁମେ ତ ଆଗ ଆରପୁରକୁ ଗଲ

ମୁଁ ତେଣେ ବାଲି ବନ୍ଧୁତ୍ବର ମୂଳଟା

ଗାଁ ରେ ଦେଇ ଦିଏ...

ମୁହଁ ଫୁଲାଫୁଲି ବାସ କଣ ଆଉ ଅଛି ???

ବନ୍ଧୁତ୍ବର ସ୍ବାଦ କଣ ଆଉ କୋଉଠି ଅଛି ???



# ବାହାନା

ଉର୍ମିଳା ମିଶ୍ର

ତୁମ କବିତାର ତାଳେ ତାଳେ

ଯେବେ ଖୋଜୁଥିଲି ଶବ୍ଦଟିଏ

(ମୋ ପାଇଁ) ପ୍ରତିଟି ଶବ୍ଦର

କୁହୁକି ଜାଲରେ ଛନ୍ଦି ହୋଇ ପଡୁଥିଲି,

ବିଶ୍ଳେଷଣ କରୁଥିଲି

ନିଜକୁ ତୁମ ଅସ୍ତିତ୍ବରେ...

ସେଇ ସଞ୍ଜ ଆଳତୀ ଶିଖର

ଲୁକାଇତ ଛାଇରେ

ମାପୁଥିଲି ତୁମ ପ୍ରେମର ଗଧତ୍ବକୁ,

ପ୍ରତିଟି ଅନିଚ୍ଛା, ଅନୁଚ୍ଚାରିତ ଶବ୍ଦ

ଚୋରାଇ ନେଉଥିଲା (ମୋ) ସମସ୍ତ

ଗୋପନ ଭାବନାକୁ...

ହେଲେ ତୁମେ ତ ଶବ୍ଦର ସୌଦାଗର

ଭାବନା ସବୁକୁ ବ୍ୟକ୍ତ କର

କାଉଁରୀ ସ୍ପର୍ଶରେ

ହଁ କି ସୁନ୍ଦର କହି ଦେଲ

ମୋ ପାଖେ ତୁମେ ପାଅ

ଚାନ୍ଦର ସ୍ନିଗ୍ଧତା,

ଜନ୍ମିତ ସୂର୍ଯ୍ୟର ପୁଲକତା

ଆଉ ସଜ ଫୁଟା ଫୁଲର ଶୁଦ୍ଧତା,

ସଜାଡ଼ି ଦେଲ ତୁମ କବିତାର

ଅସଜଡ଼ା ପଂକ୍ତି ସବୁକୁ

ମୋ ନାଁ ରେ

ଏକା ଚିରାଚରିତ ବାହାନାରେ...



# ଟେଲି ସପିଂ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ରମେଶ ଅଫିସରେ ବସି କିଛି କାମ କରୁଥିବା ସମୟରେ ତା' ମୋବାଇଲରେ କାହାର ଫୋନ୍ ଆସିଲା। ସେ ଫୋନ ଉଠାଇଲା ଆଉ....

ରମେଶ - ହାଲୋ...।

ବ୍ୟକ୍ତି - ଜୟ ଶ୍ରୀ ରାମ ।

ରମେଶ - ଜୟ ଶ୍ରୀ ରାମ ।

ବ୍ୟକ୍ତି - ମହାଶୟ ମୁଁ ଦିଲ୍ଲୀରୁ ଶ୍ରୀ ଅନନ୍ତନାଥ ଆଶ୍ରମରୁ ସ୍ବାମୀ ରାଜେନ୍ଦ୍ରନନ୍ଦ କହୁଛି।

ରମେଶ - ସ୍ବାମୀଜୀ ନମସ୍କାର।

ବ୍ୟକ୍ତି - ନମସ୍କାର। ମହାଶୟ। ମୁଁ ଆପଣଙ୍କ ପରିଚୟ ଜାଣି ପାରେକି ?

ରମେଶ - ଆପଣ ମୋତେ ଫୋନ୍ କରିଛନ୍ତି ଯେତେବେଳେ ମୋ ବିଷୟରେ ତ ନିଶ୍ଚୟ ଜାଣିଥିବେ !

ବ୍ୟକ୍ତି - ନା ମହାଶୟ। ଆପଣଙ୍କ ନମ୍ବର ଆମ ସଂସ୍ଥାନର ୱେବ୍ ସାଇଟ୍‌ରୁ ଆମକୁ ମିଳିଛି। ଏହାପରେ ଆମ ଆଶ୍ରମର ମୁଖ୍ୟ ସ୍ବାମୀଜୀଙ୍କ ନିର୍ଦ୍ଦେଶ କ୍ରମେ ଆମେ କେବଳ କେତେ ଜଣଙ୍କୁ ହିଁ ଫୋନ୍ କରୁଛୁ। ସେଇ କେତେଜଣ ସୌଭାଗ୍ୟଶାଳୀଙ୍କ ମଧ୍ୟରେ ଆପଣ ଅଛନ୍ତି।

ରମେଶ - (ନିଜର ଚିରାଚରିତ ଢଙ୍ଗରେ) ଓଃ ଧନ୍ୟବାଦ୍ ସ୍ବାମୀଜୀ।

ବ୍ୟକ୍ତି - ତା'ହେଲେ ମହାଶୟ ଆପଣଙ୍କ ପରିଚୟ ଆମେ ଜାଣି ପାରୁ କି ?

ରମେଶ - ନିଶ୍ଚୟ ।

ବ୍ୟକ୍ତି - ମହାଶୟ ଆପଣଙ୍କ ଶୁଭନାମ ?

ରମେଶ - ମୋ ନାଁ ରମେଶ ଚନ୍ଦ୍ର ପାଣିଗ୍ରାହୀ ।

ବ୍ୟକ୍ତି - ଆପଣଙ୍କ ବୟସ ଆଉ ଗୋତ୍ର ?

ରମେଶ - ଆଜ୍ଞା ମୋ ବୟସ ୩୫ ବର୍ଷ ଆଉ ଗୋତ୍ର ଭରଦ୍ବାଜ।

ବ୍ୟକ୍ତି - ବହୁତ ବଢ଼ିଆ। ଭରଦ୍ବାଜ ଗୋତ୍ରର ଲୋକମାନେ ବହୁତ ଜ୍ଞାନୀ ଓ ଗୁଣୀ ହୋଇଥାନ୍ତି।

ରମେଶ - ସତେ କି ? ମୁଁ ଜାଣିନଥିଲି ।

ବ୍ୟକ୍ତି - ଆମ ସଂସ୍ଥାନର ସ୍ବାମୀଜୀଙ୍କ ଆଦେଶରେ ମୁଁ ଆପଣଙ୍କୁ ଏହି ଫୋନ କରିବାର କାରଣ ବିଷୟରେ କିଛି କହିବାକୁ ଚାହେଁ।

ରମେଶ - ନିଶ୍ଚୟ।

ବ୍ୟକ୍ତି - ମହାଶୟ ଆମ ସଂସ୍ଥାନ ଅନେକ ବର୍ଷରୁ ଜନକଲ୍ୟାଣମୂଳକ କାର୍ଯ୍ୟମାନ କରି ଆସୁଛି। ପରିବାରର ଶାନ୍ତି ଓ ସମୃଦ୍ଧି ହେତୁ ଆମ ସ୍ବାମୀଜୀ ଅନେକ ପ୍ରକାର ଗବେଷଣା ଚଳାଇ ଆସୁଛନ୍ତି। ବିଗତ ଅନେକ ବର୍ଷଧରି ଆମ ସଂସ୍ଥାନ ଦ୍ବାରା ଦେଶର କୋଣନୁକୋଣରେ ରହୁଥିବା ଅଗଣିତ ପରିବାର ଲାଭବାନ ହୋଇ ଆସିଛନ୍ତି। ସେହିପରି ପ୍ରତି ବର୍ଷ ସ୍ବାମୀଜୀଙ୍କ ଆଦେଶାନୁସାରେ ଆମେ ଭକ୍ତମାନଙ୍କ ସମୃଦ୍ଧି ହେତୁ ଅନେକ କାର୍ଯ୍ୟକ୍ରମ କରି ଆସୁଛୁ।

ରମେଶ - ବହୁତ ବଢ଼ିଆ।

ବ୍ୟକ୍ତି - ମହାଶୟଜୀ ଆପଣଙ୍କୁ ଧନ୍ୟବାଦ। ଆପଣଙ୍କ ପରିବାରରେ ମାତା ଲକ୍ଷ୍ମୀଙ୍କ ସୌଭାଗ୍ୟପ୍ରାପ୍ତି ହେତୁ ଏକ ଅନନ୍ୟ ସୁଯୋଗ ଆପଣଙ୍କୁ ଭେଟି ଦେବା ଉଦ୍ଦେଶ୍ୟରେ ଏହି ଫୋନ୍ କରାଯାଇଛି। ଜଜମାନ୍ ଆପଣ କହିବେ କି ଆପଣଙ୍କ ଘରେ ଲକ୍ଷ୍ମୀ ପୂଜା କେବେ ହୁଏ ?

ରମେଶ - କେବଳ ମା' ଲକ୍ଷ୍ମୀଙ୍କ ପୂଜାବିଧି ଆମ ଘରେ ବିଶେଷ ଭାବରେ ତ ସେମିତି ଦୈନିକ କିମ୍ବା ମାସିକ ହୁଏ ନାହିଁ।

ବ୍ୟକ୍ତି - ଯେମିତି ମହାରାଷ୍ଟ୍ରରେ ପ୍ରତି ବୁଧବାର ଏହି ପୂଜା କରନ୍ତି। ଉତ୍ତର ଭାରତରେ ଦୀପାବଳୀରେ ଏଇ ପୂଜା କରନ୍ତି, ସେମିତି ଆପଣଙ୍କ ପରିବାରରେ କେବେ ଏହି ପୂଜା ହୁଏ।

ରମେଶ - ଆଜ୍ଞା ଆମ ଘରେ କେବଳ ମାର୍ଗଶୀର ମାସର ପ୍ରତ୍ୟେକ ଗୁରୁବାର ଦିନ ଏହି ପୂଜା ହୁଏ।

ବ୍ୟକ୍ତି - ଜଜମାନ, ବହୁତ୍ ବଢ଼ିଆ। ସେଇ ମାତା ଲକ୍ଷ୍ମୀଙ୍କ ଆଶୀର୍ବାଦରବାଣୀ ଆପଣଙ୍କ ଦ୍ବାରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆପଣଙ୍କୁ ଏହି ଫୋନ୍ କରାଯାଇଛି। ଆପଣ ବିବାହିତ କି ?

ରମେଶ - ଜୀ ସ୍ବାମୀଜୀ।

ବ୍ୟକ୍ତି - ବହୁତ ଭଲ। ମାନେ ଘରକୁ ମାତା ଲକ୍ଷ୍ମୀ ଆସିଗଲେଣି। ଆଉ ଆପଣଙ୍କ ଘରେ ବାଲଗୋପାଳ ?

ରମେଶ - ନା ଆମେ ଘରେ ବାଳଗୋପାଳ ପୂଜା କରୁନାହୁଁ।

ବ୍ୟକ୍ତି - ଆପଣ ବୁଝିପାରିଲେ ନି ଜଜମାନ। ମୁଁ କହୁଥିଲି ଆପଣଙ୍କ ସନ୍ତାନସନ୍ତତି କଥା।

ରମେଶ - ମୋର ମାତ୍ର ଗୋଟିଏ ଝିଅ।

ବ୍ୟକ୍ତି - ଓଃ ତା'ମାନେ ସ୍ବୟଂ ଲକ୍ଷ୍ମୀ ଆପଣଙ୍କ ପରିବାର ଉପରେ ପ୍ରସନ୍ନ ଅଛନ୍ତି। ଜଜମାନ୍ ଏଠାରେ ମୁଁ ଆପଣଙ୍କୁ ଜଣାଇବାକୁ ଚାହେଁ ଯେ ମାତା ଲକ୍ଷ୍ମୀଙ୍କ ପୂଜା କଲେ ଘରେ ଧନଧାନ୍ୟ ପ୍ରାପ୍ତି ହୁଏ ଏବଂ ଲୋକମାନେ ଐଶ୍ବର୍ଯ୍ୟର ଅଧିକାରୀ ହୁଅନ୍ତି। ଆମ ସଂସ୍ଥାନ ଦ୍ବାରା ଅନେକ ପରିବାରରେ ଆମେ ମାତା ଲକ୍ଷ୍ମୀଙ୍କ ସ୍ଥାପନା କରିଛୁ।

ସେମାନଙ୍କ ଘରେ ମା ସ୍ବୟଂ ବିରାଜମାନ ହୋଇଛନ୍ତି ଏବଂ ନିଶ୍ଚଳ ହୋଇଛନ୍ତି। ସେଇ ସବୁ ପରିବାରରୁ ଧନ କେବେ ବି ବାହାରକୁ ଯାଏନାହିଁ।

ରମେଶ - କ'ଣ ହେଲା ? ମାନେ ସେଇ ପରିବାର ଲୋକ ସବୁ ଘରେ ବନ୍ଦୀ ହୋଇ ରହୁଛନ୍ତି ?

ବ୍ୟକ୍ତି - ନା, ବନ୍ଦୀ କାହିଁକି ହେବେ ?

ରମେଶ - ଘରୁ ପାଦ କାଢ଼ିଲେ ଗାଡ଼ିରେ ପେଟ୍ରୋଲ୍ ପକାଇବା ପାଇଁ ଧନ ଦରକାର। ବଜାର ସଉଦାକୁ ଗଲେ ଟଙ୍କା ଶହେ ଦେଲେ ବି ବ୍ୟାଗ ପୁରେନି। ସେମିତିରେ ଯଦି କାହା ପରିବାରରେ ଧନ ଜମା କ୍ଷୟ ହୁଏ ନାହିଁ ତା'ହେଲେ ସେମାନେ ଘରୁ ବାହାରୁନଥିବେ ବୋଲି ମୁଁ ଭାବିଲି।

ବ୍ୟକ୍ତି - ଆପଣ ଥଟା କରୁଛନ୍ତି ଜଜମାନ।

ରମେଶ - ଜମା ନାହିଁ। ଆପଣ ଯେମିତି କଥା କହିଲେ ସେଥିରୁ ମୁଁ ଯାହା ଅନୁମାନ କଲି ତାହା କହିଲି।

ବ୍ୟକ୍ତି - ମାନେ ଏମିତି କୁହାଯାଏ। ତା'ହେଲେ ଜଜମାନ୍ ଆପଣ ଲକ୍ଷ୍ମୀପୂଜା କରିବା ବିଷୟରେ କଣ ଭାବୁଛନ୍ତି ?

ରମେଶ - ମୁଁ କେମିତି କହି ପାରିବି, ସେ ସବୁ କାମ ତ ମୋ ଘରେ ମା' କିମ୍ବା ସ୍ତ୍ରୀ ଙ୍କ ଦ୍ବାରା ହିଁ ସମ୍ପର୍ନ୍ନ ହୁଏ। ମୋର ସେଥିରେ କିଛି କହିବାର ନାହିଁ।

ବ୍ୟକ୍ତି - ନା ନା, ଆପଣ ବୁଝିଲେ ନାହିଁ, ମୁଁ କହୁଥିଲି ଆମ ସଂସ୍ଥାନରେ ଆପଣ ଲକ୍ଷ୍ମୀ ପୂଜା କରିବାକୁ ଚାହାନ୍ତି କି ?

ରମେଶ - ଆପଣ ନିଜ ସ୍ବାମୀଜୀଙ୍କୁ ପଚାରି ବୁଝନ୍ତୁ।

ବ୍ୟକ୍ତି - ଆପଣ ପୁଣି ଥଟା କରୁଛନ୍ତି ଜଜମାନ।

ରମେଶ - ନା, ମୁଁ କାହିଁକି ଥଟା କରିବି। ଯଦି ଆପଣଙ୍କ ସ୍ବାମୀଜୀଙ୍କ ଆଦେଶରେ

ଆପଣ ଏହି ଫୋନ କରିଛନ୍ତି ତେବେ ସେହି ସ୍ବାମୀଜୀ ହିଁ କହିପାରିବେ ଆପଣ ପୂଜା କରିବେ କି ନାହିଁ।

ବ୍ୟକ୍ତି - ହା ହା ହା, ଆପଣ ବହୁତ ମଜାଳିଆ ବ୍ୟକ୍ତି ପରି ଲାଗୁଛନ୍ତି। ଆପଣ ମୋ କହିବା କଥା ବୁଝିଲେନି। ଆମ ସଂସ୍ଥାନରେ ଆପଣ ଲକ୍ଷ୍ମୀ ପୂଜା କଲେ ଆମେ ଆପଣଙ୍କ ନିକଟକୁ ଛଅ ଗୋଟି ପଦାର୍ଥ ପଠାଇବୁ। ମାତା ଲକ୍ଷ୍ମୀଙ୍କ ସ୍ଫଟିକ ମୂର୍ତ୍ତି, ଏହାକୁ ଆପଣ ଘରେ ରଖି ପୂଜାକଲେ ଧନଧାନ୍ୟ ବୃଦ୍ଧି ହେବ। ଶ୍ରୀ ଯନ୍ତ୍ର, ଏହାକୁ ଅଫିସ କିମ୍ବା ଘରେ ରଖିଲେ ପରିବାରରେ ଶାନ୍ତି ବଢ଼ିବ। କଛପ ମୂର୍ତ୍ତି, ଏହା ଦ୍ବାରା ଆପଣଙ୍କ ଘରକୁ ଗୁପ୍ତଧନ ପ୍ରାପ୍ତି ହେବ। ମାତାଙ୍କ ଚରଣ ପାଦୁକା ଏହାକୁ ଆପଣ ଆଲମିରା କିମ୍ବା ସିନ୍ଦୁକରେ ରଖିଲେ ଧନ ସ୍ଥାୟୀ ହୋଇଥାଏ ଆଉ କ୍ଷୟ ହୁଏନାହିଁ। ଏହା ବ୍ୟତୀତ କେବଳ ଆପଣଙ୍କ ନାମ ଆଉ ଗୋତ୍ରକୁ ନେଇ ନିର୍ମାଣ ହୋଇଥିବା ଶ୍ରୀଲକ୍ଷ୍ମୀ ଧନବର୍ଦ୍ଧକ ଯନ୍ତ୍ର ଯାହାଦ୍ବାରା ଆପଣଙ୍କ ଶତ୍ରୁନାଶ ହେବେ ଆଉ ଆପଣଙ୍କ ଯଶ ବଢ଼ିବ। ଆଉ ଶେଷରେ ଆମ ଗୁରୁଜୀଙ୍କ ଦ୍ବାରା ଆବିଷ୍କୃତ ଏକ ଚମତ୍କାରୀ ମୁଦ୍ରିକା, ଏହାକୁ ଧାରଣ କରିବାମାତ୍ରେ ଆପଣ ସମସ୍ତଙ୍କ ସମ୍ମୁଖରେ ସମ୍ମାନୀୟ ହୋଇଯିବେ। ସମସ୍ତେ ଆପଣଙ୍କୁ ଶ୍ରଦ୍ଧା କରିବେ ସମ୍ମାନ କରିବେ, ସମାଜରେ ଆପଣଙ୍କ ପ୍ରତିପତି ବଢ଼ିବ। ଏହିପରି ସମୁଦାୟ ଛଅ ଗୋଟି ଉପହାର ଆପଣଙ୍କୁ ମିଳିବ।

ରମେଶ - ବହୁତ ଭଲ କଥା, ଆପଣ ଏଇ ସବୁ ଜିନିଷ ଆଜି ହିଁ ମୋ ଠିକଣାରେ ପଠାଇ ଦିଅନ୍ତୁ।

ବ୍ୟକ୍ତି - ଜଜମାନ ସେଇଥି ପାଇଁ ଆପଣଙ୍କ ନାମରେ ଆମ ସଂସ୍ଥାନରେ ଏକ ପୂଜା କରିବାକୁ ପଡ଼ିବ। ଆପଣ ଆପଣଙ୍କ ପତ୍ନୀଙ୍କ ନାମ କୁହନ୍ତୁ।

ରମେଶ - ପତ୍ନୀଙ୍କ ନାମ କାହିଁକି ?

ବ୍ୟକ୍ତି - ଜଜମାନ ସେ ହିଁ ଆପଣଙ୍କ ଘରର ଲକ୍ଷ୍ମୀ, କେବଳ ସେ ଚାହିଁଲେ ହିଁ ସବୁ ସମ୍ଭବ ହେବ, ତେଣୁ ତାଙ୍କ ନାମ ଆମେ ଜାଣିବା ଦରକାର।

ରମେଶ ମନେ ମନେ ଭାବୁଥିଲା ସତ କଥା, କେବଳ ସେ ହିଁ ଚାହିଁଲେ ତା'ଘର ସୁଧୁରି ପାରିବ। ଧନ ସ୍ଥାୟୀ ହୋଇପାରିବ। ଧନ ବୃଦ୍ଧି ହୋଇପାରିବ। ହେଲେ ଅଜଣା ଅଶୁଣା ଲୋକଟାକୁ ନିଜ ପରିବାର ବିଷୟରେ ଏତେ ସୂଚନା ଦେବା କଣ ଉଚିତ ହେବ ? ସେ ମନେ ମନେ ହିସାବ କରୁ କରୁ କହିଲା,...

ରମେଶ - ଆପଣ ଶ୍ରୀମତି ପାଣିଗ୍ରାହୀ ବୋଲି ଧରିନିଅନ୍ତୁ।

ବ୍ୟକ୍ତି - ସାମାନ୍ୟ ଇତଃସ୍ତତ ହୋଇ କହିଲା, ହଉ ଚଳିବ। ଆଉ ଆପଣଙ୍କ ପୁତ୍ରୀଙ୍କ ନାମ।

ରମେଶ - ତାଙ୍କୁ ଆପଣ କୁମାରୀ ପାଣିଗ୍ରାହୀ ବୋଲି ଧରିନିଅନ୍ତୁ।

ବ୍ୟକ୍ତି - ଠିକ୍ ଅଛି। ଜଜମାନ ତା'ହେଲେ ଆପଣଙ୍କ ପାଇଁ ଆମ ସଂସ୍ଥାନରେ ଏକ ବିଶେଷ ପୂଜାର ଆୟୋଜନ କରାଯିବ। ଏବଂ ଏହାପରେ ଆପଣଙ୍କୁ ସେଇ ସବୁ ଜିନିଷ ପୋଷ୍ଟରେ ପଠାଇ ଦିଆଯିବ। ଆପଣ ନଅ ଦଶ ଦିନ ଭିତରେ ସବୁ ପଦାର୍ଥ ପାଇବେ ଏବଂ ଏହା ସହିତ ଏଇ ସବୁ ଜିନିଷକୁ ପୂଜା କରିବା ଓ ଧାରଣ କରିବା ବିଧି ସମ୍ବଳିତ ଏକ ଭିଡ଼ିଓ କ୍ୟାସେଟ୍ ମଧ୍ୟ ଆମେ ପଠାଇବୁ।

ରମେଶ - ଧନ୍ୟବାଦ। ତା'ହେଲେ ମୁଁ ରହୁଛି। ମୋତେ ପଠାଇ ଦିଅନ୍ତୁ।

ବ୍ୟକ୍ତି - ଜଜମାନ, ଆପଣ ବୁଝିଲେନି। ଆପଣଙ୍କ ନାମରେ ଏହି ସବୁ ପୂଜା ବିଧି ହେବ କିନ୍ତୁ କେବେ ଆଉ କେମିତି ସେ ବିଷୟରେ ସାମାନ୍ୟ ଚର୍ଚ୍ଚା କରିବା ବାକି ରହିଲା।

ରମେଶ - ସେ ସବୁ ବିଷୟ ଆପଣ ନିଜ ସଂସ୍ଥାନର ସ୍ବାମୀଜୀଙ୍କୁ ପଚାରି ବୁଝି ନିଅନ୍ତୁ।

ବ୍ୟକ୍ତି - ଆପଣ ପୁଣିଥରେ ଥଟା କରୁଛନ୍ତି ଜଜମାନ।

ରମେଶ - ଥଟା ମୁଁ କରୁଛି ନା ଆପଣ କରୁଛନ୍ତି ? ମୋର ନାଁ ଗାଁ ଠିକଣା କିଛି ନ ଜାଣି ଆପଣ ଫୋନ କରି କହୁଛନ୍ତି ଯେ ଆପଣଙ୍କ ସ୍ବାମୀଜୀ ମୋତେ ଏଇ ସବୁ ଜିନିଷ ଦେବାକୁ ଚାହୁଁଛନ୍ତି। ଥଟା କରୁଛି କିଏ ?

ବ୍ୟକ୍ତି - ଆପଣ ଉତ୍ୟକ୍ତ ହେଇଯାଉଛନ୍ତି ଜଜମାନ। ପୂଜାବିଧି କଣ ଖେଳଘର ହୋଇଛି। ଏଥିପାଇଁ ନିଷ୍ଠା ଦରକାର ଧୈର୍ଯ୍ୟ ଦରକାର, ଶ୍ରଦ୍ଧା ଓ ସମ୍ମାନ ଦରକାର...

ରମେଶ - ଧନ ଦରକାର।(ତାଚ୍ଛଲ୍ୟ କରିବା ପରି)

ବ୍ୟକ୍ତି - ଜୀ ଜଜମାନ। ଆଜିକାଲି ଯୁଗରେ ମାଗଣାରେ କିଛି ମିଳେ କି ? (ଟିକିଏ ଥମିଯାଇ) ତା' ହେଲେ ଆପଣଙ୍କ ସର୍ବକୁଶଳ ହେତୁ ଏଇ ପୂଜା କରିବା ପାଇଁ ଆପଣଙ୍କୁ ମାତ୍ର ଦୁଇହଜାର ଟଙ୍କାର ଏକ ଡିମାଣ୍ଡ ଡ୍ରାଫ୍ଟ ଆମ ସଂସ୍ଥାନ ନାମରେ ପଠାଇବାକୁ ହେବ। ଆପଣଙ୍କ ମୋବାଇଲ୍ ଫୋନରେ ଆଉ କିଛି ସମୟ ପରେ ଆମେ ସଂସ୍ଥାନର ବ୍ୟାଙ୍କ୍ ଖାତା ନମ୍ବର ଓ ଠିକଣା ଲେଖି ପଠାଇବୁ, ଆପଣ ସେଇ ବ୍ୟାଙ୍କ ଖାତାରେ ଟଙ୍କା ଜମା କରିଦେଲେ ଆମେ ପୂଜା ଆରମ୍ଭ କରିବୁ।

ରମେଶ - ସ୍ବାମୀଜୀ ଧନ୍ୟବାଦ, କିନ୍ତୁ ମୋତେ ପୂଜା କରିବାର ହିଁ ନାହିଁ।

ବ୍ୟକ୍ତି - (ସାମାନ୍ୟ ରୁକ୍ଷ ଭାବରେ) ତା'ହେଲେ ଆପଣ ମୋର ଏତେ ମୂଲ୍ୟବାନ ସମୟ କାହିଁକି ନଷ୍ଟ କଲେ ?

ରମେଶ - ସମୟ ଆପଣଙ୍କର ମୁଁ ନଷ୍ଟ କଲି ? ନା ଆପଣ ମୋ ସମୟ ନଷ୍ଟ କଲେ ? ମୋର ନାଁ ଗାଁ ଠିକଣା ନ ଜାଣି ଆପଣ ମୋତେ ଫୋନ୍ କରି ସେତେବେଳୁ ଖାଲି ଦିବାସ୍ବପ୍ନ ଦେଖେଇ ଚାଲିଛନ୍ତି। ଆଉ କହୁଛନ୍ତି ନା କଣ ମୋ ସମୟ ନଷ୍ଟ କଲେ। ଆପଣଙ୍କ ପାଇଁ ମୁଁ ମୋର ଅଧଘଣ୍ଟା ସମୟ ନଷ୍ଟ କଲି।

ବ୍ୟକ୍ତି - ଓଃ, ତା'ହେଲେ ପୂଜା କରିବେନି। ମୁଁ ଫୋନ୍ ରଖିଦେବି।

ରମେଶ - (ସାମାନ୍ୟ ହସିଦେଇ) ଆପଣଙ୍କ ସ୍ବାମୀଜୀଙ୍କୁ ପଚାରି ବୁଝନ୍ତୁ, ସେ କହିଲେ

ରଖିବେ ନହେଲେ ଧରି ବସିଥାନ୍ତୁ।

ଫୋନ୍ କଟିଗଲା। ଏତେ ସମୟ ପର୍ଯ୍ୟନ୍ତ ଅଫିସ ଭିତରେ ନିରବତାର ସହ ବସି ସବୁ ଶୁଣୁଥିବା ସହକର୍ମୀମାନେ କଣ ହେଲା ବୋଲି ପ୍ରଶ୍ନ କରୁଥିଲେ। ରମେଶ ମନେ ମନେ ନିରବ ହସ ଦେଇ ନିଜ କାମରେ ବ୍ୟସ୍ତ ହୋଇଗଲା।



# ଛୋଟ ମୋର ଗାଁ

ରଞ୍ଜନ କୁମାର ପାଣିଗ୍ରାହୀ

ଦିନେ ଭାବିଲି
ଗାଁର ପ୍ରତିଟି ଧୂଳିକଣାକୁ
ନେଇ ସଜାଇଦେବି ମୋ କବିତାରେ,
କିନ୍ତୁ ମୋ ଛୋଟ ଗାଁର ମହାନତା
ଏତେ ଯେ ବିସ୍ତୃତ
କବିତାର ଶବ୍ଦ କମ ପଡ଼ିଗଲା
ତାକୁ ସଜାଇବା ପାଇଁ।

ସେ ମୋ ମା ପରି
ବିଦେଶରୁ ଫେରିଲେ
ସେ କୋଳେଇ ନିଏ ମୋତେ,
ଗାଁର ପ୍ରତିଟି ସ୍ଥାନରେ
ମୁଁ ଅନୁଭବ କରେ
ସ୍ୱର୍ଗର ସ୍ପର୍ଶ।

ଶହେଟି ଜନ୍ମ ନେବାକୁ ଚାହିଁବି ଏଠି
ପ୍ରତି ଜନ୍ମରେ, ଅତି କମରେ,
ମୋର ଛୋଟ ଗାଁ
ମୋ ହୃଦୟର ବନ୍ଦ ସିନ୍ଧୁକରେ
ସବୁଦିନ ପୂଜା ପାଉଥିବ।



# ଜୀବନ୍

ବିଧୁଭୂଷଣ ମିଶ୍ର

ଧରା ପୁରୁଷ୍ଟେ ଜନମ୍ ହେଇ ପାଇଛ ଜୀବନ୍,କର ଇତାକେ ସମ୍ମାନ୍,
ନେ କର କେଭେ ଜୀବ୍ ନେ,ଇ ଜୀବନ୍ କେ ଅପ୍-ମାନ୍ ।
ଜୀବନ୍ ଟା ଉଜଲ୍ ନେ ହେଇ ପାର୍ଲେ ବି,ଆଏ ଇଟା ସରଶ୍ ଆର୍ ସୁନ୍ଦର୍,
ଜୀବନ୍ ଟା ଆଏ ଗୁଟେ ଚଲାପଥ୍,ଆଏ ଫେର୍ ଇଟା ସୁଖ୍,ଦୁଖ୍ ଆର୍ ଭଲ୍ ମନ୍ଦର୍ ।
ଜୀବନ୍ ଟା ଆଏ ଦୁଇ ଘଡିକର୍ ,ନେ କର କେଭେ କହାକେ ଘୁର୍-ନା,
ସମିଆ ର୍ ସାଥେ ତାଲ୍ ଦେଇକରି ଆଗ୍ କେ ବଢ,କର ଇତାକେ ଭର୍-ନା ।
ଜୀବନ୍ ଥି ନେ ପାସ୍ରି ନିଅ ମା ବୁଆ ଆର୍ ସାଂଗ୍ ସାଥୀ କେ,
ରହିଥିଲେ ରହିଛନ୍ ଆର୍ ରହେବେ ସବୁଦିନ୍ କେ;
ହେଲେ କାମ୍ କେ ବି ନେ ପାସ୍ର ଜୀବନ୍ ଥି,
ଇଟା ଆଏ ମହାନ୍ ରତନ୍ ,କର ଇତାର୍ ସବୁବେଲେ ଯତନ୍ ।
ସୁଖେ ଦୁଖେ ମିଶଗୁଲା ଆଏ ଫେର୍ ଇ ଜୀବନ୍,
ନିଜର୍ ଉପ୍ରେ ବିଶ୍ବାସ୍ ରଖି କରିଚାଲ କରମ୍,
ହେଇଯାଉ ଯେତେ ହଉଛେ ପରିବର୍ତନ୍ ।
ସତ୍ କାମେ ଲଗେଇ ନିଆ ନିଜର୍ ଜୀବନ୍ ଯାନ୍,
ଦିନେ ନା ଦିନେ ସଫଲ୍-ତା ପାଏବ,ବଢ଼ବା ତୁମର୍ ଆତ୍ମସମ୍ମାନ୍ ।
ହସି କନ୍ଦା ଥି ମିଶାଗୁଲା ଆଏ ଫେର୍ ଇ ଜୀବନ୍....
ଇ ଜୀବନେ ଥି କେନ୍ତି ବି ଜିନିଷ୍ ନୁହେସେ ସ୍ଥାୟୀ ;

ସତ୍ ଆଏ ବଏଲେ ଖାଲି ଆଏ ପରିବର୍ତନ୍....

ଯାହା ହେଲେ ବି ପସନ୍ଦ୍ କର ଜୀବନ୍ କେ,

ନେ ପାସ୍ରେ ଜୀବ୍ ନେ ହସି ହସାବାର୍ କେ ।

ସମିଆ ଆଏ ଜୀବନର୍ ସବୁକିଛି,

ହେଥିର୍ ଲାଗି ସମ୍ମୁ ଦିଅ ଘାଏ ଅଧେ ସମିଆ ଖୁଜିବାଛି ।

ଜୀବ୍-ନେ ବିଶ୍ବାସ୍ କର ଅବିଶ୍ବାସ୍-ନୀୟ କଥା କେ,

ସବୁଦିନ୍ ଘରୁ ବାହାର ଭଟା କେ ।

ମରନ୍ ସାଂଗେ ବନ୍ଧା ଆଏ ଫେର୍ ଇ ଜୀବନ୍,ଆର୍ ଆଏ ଫେର୍ ଗୁଟେ ଉପହାର୍,

ସବୁବେଲେ ଲଗ ଇତାକେ ଭଲ୍ କାମେ,କର ଇତାର୍ ସତ୍-ବ୍ୟବହାର୍ ।

ପରିସ୍ଥିତିର୍ ସାଂଗେ ଖାପ୍ ଖୁଏଇ ଚଲବାର୍ ଉନ୍ନା ନା ଆଏ ଜୀବନ୍ ,

ବୁଦ୍ଧିର୍ ସତ୍ ଉପଯୋଗ୍ କଲେ,କର୍ବ ସବୁଠାନେ ନିଶ୍ଚିତ୍ ଭାବେ ସଫଲତା ଅର୍ଜନ୍ ।

# ଆମ ରୋଷେଇ ଘରୁ

## ରସେୱାଲା ଆଳୁ



ଶ୍ରୀମତି ଅର୍ଚ୍ଚନା ମହାନ୍ତି

ଆବଶ୍ୟକ ସାମଗ୍ରୀ:

୧. ସିଝା ଆଳୁ : ୪ ଟି

୨. ରିଫାଇନ ତେଲ : ୨ ବଡ ଚାମଚ

୩. ଦହି : ୨୦୦ ଏମ.ଏଲ

୪. ବେସନ : ୩ ଚାମଚ

୫. ଜିରା : ୧ ଚାମଚ

୬. ଗୁଆଘିଅ : ୧ ଚାମଚ

୭. କଞ୍ଚାଲଙ୍କା: ଆବଶ୍ୟକ ମୁତାବକ

୮. କଟା ଅଦା : ୧ ଚାମଚ

୯. ଭୃଶୁଙ୍ଗା ପତ୍ର : ଅଳ୍ପ

୧୦. ହଳଦୀ ଗୁଣ୍ଡ : ୧ ଚାମଚ

୧୧. ଲାଲ ଲଙ୍କାଗୁଣ୍ଡ : ୧ ଚାମଚ

୧୨. ହିଙ୍ଗୁ : ଟିକେ

୧୩. ଲୁଣ : ସ୍ୱାଦ ଅନୁସାରେ

ପ୍ରଣାଳୀ:ପ୍ରତ୍ୟେକ ଆଳୁକୁ ବଡ ବଡ କରି ଚାରି ଖଣ୍ଡ ଭାବରେ କାଟି ନିଅନ୍ତୁ । ଗ୍ୟାସ

ଅନ କରି କଢେଇ ଗରମ କରନ୍ତୁ। କଢେଇରେ ପରିମାଣ ଅନୁସାରେ ତେଲ ଗରମ କଲା ପରେ କାଟ ହୋଇଥିବା ଆଳୁକୁ ପକାଇ ଅଳ୍ପ ଲାଲ ହେବା ଯାଏଁ ଭାଜନ୍ତୁ। ଭାଜି ସାରିବା ପରେ ଆଳୁକୁ କାଢି ଥାଳିରେ ରଖନ୍ତୁ। ଅନ୍ୟପଟରେ ଗୋଟିଏ ଗିନାରେ ଦହି, ବେସନ, ପାଣି ଏକ କପ ଦେଇ ଭଲଭାବରେ ଫେଣ୍ଟନ୍ତୁ।

ଏହାପରେ ଗରମ ଥିବା ତେଲରେ ଜିରା, ହିଙ୍ଗୁ, କଟା ଅଦା,ଭୃଶୁଙ୍ଗା ପତ୍ର, ଲାଲ ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ ଏବଂ ଭଜା ଆଳୁକୁ ଦେଇ ଭଲଭାବରେ ପୁଣି ଥରେ ଭାଜନ୍ତୁ। ତା' ପରେ ଗୁଆ ଘିଅ ଓ ଗିନାରେ ଥିବା ଦହିର ମିଶ୍ରଣକୁ ଆଳୁ ଉପରେ ଦେଇ ଘାଣ୍ଟନ୍ତୁ। ଆବଶ୍ୟକ ହେଲେ ଅଳ୍ପ ପାଣି ମଧ୍ୟ ଦିଅନ୍ତୁ। ସେମି ଗ୍ରେଭି ରଖି ଫାଳ କରାହୋଇଥିବା କଞ୍ଚାଲଙ୍କା ଓ ଧନିଆ ପତ୍ର ଦେଇ ସୁନ୍ଦର ଭାବରେ ପରିବେଷଣ କରନ୍ତୁ।

## କ୍ରିଞ୍ଚୀ ମସରୁମ



ଆବଶ୍ୟକ ସାମଗ୍ରୀ:

୧. Buttomଛତୁ : ୧୦୦ ଗ୍ରାମ

୨. CornflourPowder:୧ ଚାମଚ

୩. ଲାଲ ଲଙ୍କାଗୁଣ୍ଡ : ୧ ଚାମଚ

୪. ହଳଦୀଗୁଣ୍ଡ : ପରିମାଣ ଅନୁଯାୟୀ

୫. ମଇଦା : ୧ ଚାମଚ

୬. ଲୁଣ : ସ୍ୱାଦ ଅନୁସାରେ

୭. ଜିରାଗୁଣ୍ଡ : ଅଧା ଚାମଚ

୮. Cornflex :ଏକ କପ

ପ୍ରଣାଳୀ:ପ୍ରଥମେ ଛତୁକୁ ଭଲଭାବରେ ହଳଦୀ ପାଣିରେ ଧୋଇ ଫାଳ କରିନିଅନ୍ତୁ । ଅନ୍ୟପକ୍ଷରେ ଗୋଟିଏ ଗିନାରେ ମଇଦା, Cornflour Powder, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଲୁଣ, ଜିରାଗୁଣ୍ଡ ପକାଇ ଏକା ସାଙ୍ଗରେ ଗୋଳାଇ ନିଅନ୍ତୁ । କଡେଇରେ ତେଲ ଦେଇ ଗରମ କରନ୍ତୁ । ସେପଟେ cornflex କୁ ଗୁଣ୍ଡ କରି ଥାଳିରେ ରଖନ୍ତୁ । ତା' ପରେ ଗୋଳା ହୋଇଥିବା ମିଶ୍ରଣରେ ଛତୁକୁ ବୁଡାଇ ଗୁଣ୍ଡ ହୋଇଥିବା cornflexସହ ତାକୁ ରୋଲ କରି ନିଅନ୍ତୁ । ରୋଲ କରାହୋଇଥିବା ଛତୁକୁ ତେଲରେ ଅଳ୍ପ ଛାଣି କାଢିନିଅନ୍ତୁ । ବେଶୀ କଡା ଭାବରେ ଭାଜିଲେ cornflex ଗୁଣ୍ଡ ପୋଡି ଯାଇ ପିତା ଲାଗିବାର ଆଶଙ୍କା ଥାଏ । ତେଣୁ ଏଥିପ୍ରତି ଯଥେଷ୍ଟ ସାବଧାନ ରହିବା ଉଚିତ ।

ଶେଷରେ ଥାଳିରେ onion ring, tomato slice, tomato catch-up ସହ ଗରମ ଗରମ ପରିବେଷଣ କରନ୍ତୁ କ୍ରଞ୍ଚୀ ମସରୁମ।



# ମୋ ଭ୍ରମଣ କାହାଣୀ

ଟରୋଣ୍ଟୋ-୩ ( ପୂର୍ବ ପ୍ରକାଶିତ ଉତ୍ତାରୁ )

ପ୍ରଶାନ୍ତ କୁମାର ଭୂୟାଁ




ଗତଥର କହୁଥିଲିନା ଘର ଖୋଜିବା କଥା, ଚାଲନ୍ତୁ ତାହା ଟିକିଏ କହିଦେଇ ପୁଣି ବୁଲେଇନେବି ଆପଣଙ୍କୁ ଟରୋଣ୍ଟୋ ସହର ।ଏଇଠି ଘର ଖୋଜିବାରେ ଜମା ଅସୁବିଧା ହେଲାନି ମୋତେ । ଗୋଟିଏ ଦିନରେ ଦୁଇ ଚାରିଟି ଏପାର୍ଟ୍‌ମେଣ୍ଟ୍ କୁ ଯାଇ ସେଠାକାର ପରିଚାଳକଙ୍କ ସହ କଥାବାର୍ତ୍ତା ହେଲି । ସମସ୍ତେ ବହୁତ ମାର୍ଜିତ ଓ ଅମାୟିକ, ସ୍ୱଳ୍ପକଥା ଓ ସମୟାନୁବର୍ତ୍ତିତାର ଗୋଟିଏ ମାପକାଠି । ମାପଚୁପ କଥାରେ ହିଁ ସବୁ ସର୍ତ୍ତ ଓ ବିବରଣୀ ବତାଇଦେଲେ । ମୋ ସ୍ତ୍ରୀ ଟରୋଣ୍ଟୋର ଜନ୍‌ସନ୍ ଏଣ୍ଡ୍ ଜନ୍‌ସନ୍ ରେ କାର୍ଯ୍ୟ କରିବାକୁ ଆସିଥାନ୍ତି । ଅଗତ୍ୟା, ମୋ ସ୍ତ୍ରୀଙ୍କ ଅଫିସ୍ ନିକଟରେ ହିଁ ଘରଟିଏ ଭଡ଼ାକୁ ନେଲି ।

ଭାରତୀୟ ମୁଦ୍ରାରେ ଭଡ଼ା ମାସିକ ପ୍ରାୟ ୪୫,୦୦୦ ଟଙ୍କା ହିସାବରେ ଚୁକ୍ତିପତ୍ରରେ ସ୍ୱାକ୍ଷର କଲି । କହିବାକୁ ଗଲେ ମନେ ମନେ ଭାବୁଥିଲି, ଜଗନ୍ନାଥ ପ୍ରସାଦରେ ନିଜଘରେ ମାଗଣାରେ ଥିଲୁ, ଭଞ୍ଜନଗରରେ ୧୯୮୧ ରୁ ୧୯୯୧ ପର୍ଯ୍ୟନ୍ତ ୩୨୫ଟଙ୍କାରୁ ୮୭୫ଟଙ୍କା ଯାଏଁ ଦେଉଥିଲୁ, ବ୍ରହ୍ମପୁରରେ ୧୯୯୧ରୁ ୨୦୧୦ ପର୍ଯ୍ୟନ୍ତ ୧୪୦୦ଟଙ୍କା ରୁ ଆରମ୍ଭ କରି ୩୦୦୦ଟଙ୍କା ପର୍ଯ୍ୟନ୍ତ ଏବଂ ପରିଶେଷରେ ବାଙ୍ଗାଲୋରରେ ୨୦୦୫ରୁ ୨୦୧୦ ଯାଏଁ ୩୫୦୦ରୁ ଆରମ୍ଭ କରି




୫୦୦୦ଟଙ୍କା ଯାଏଁ ଘରଭଡ଼ା ଦେଇ ଦେଇ ନୟାନ୍ତ ହୋଇ ସାରିଥିଲି । ନିଜ ଉପରେ ନିଜେ ଭଡାଟିଆର ଗୋଟିଏ ଟ୍ୟାଗ୍ ଲଗାଇ ସାରିଥିଲି । ଆଉ ଆଜି ଏହି ସହରକୁ ଯେତେବେଳେ ପେଟପାଟଣାର ତାଡ଼ନାରେ ବିନା ପୈତୃକ ପେଷା ରେ ଜୀବନଯାପନ କରିବାକୁ ଦେଶ ଛାଡ଼ି ବାହାରି ଆସିଛି ଭଡ଼ା ଯାହା ହେଉନା କାହିଁକି ରହିବାକୁ ତ ପଡ଼ିବ । ମୋ ନୂଆ ଭଡ଼ାଘର ଦେଖିବାକୁ ଗଲାବେଳେ ମିଶିଲି ମୋର ଜଣେ ପଡ଼ୋଶୀନି ଙ୍କୁ । ସେ ମାଙ୍ଗାଲୋରରୁ ଆଉ ତାଙ୍କ ସ୍ୱାମୀ ମୁମ୍ବାଇରୁ ୧୫ବର୍ଷ ହେଲା ଏଠାକୁ ଆସି ରହିଛନ୍ତି । ଏହି ଏପାର୍ଟମେଣ୍ଟର ଭଲମନ୍ଦ ସବୁ ବୁଝାଇ କହିଲେ । ଜଣେ ଭାରତୀୟଙ୍କୁ ପଡ଼ୋଶୀ ରୂପେ ପାଇ ମନଟା ଖୁସି ହୋଇଗଲା । ଦମ୍ଭ ବି ପାଇଲା ଯେ ସେ ଯାହାହେଉ ସୁଖଦୁଃଖରେ କେହି ଜଣେ ତ ସାହାଯ୍ୟ କରିପାରିବ ମୋତେ ଏଇଠି । ହୋଟେଲ୍‌ରୁ ସବୁ ସାମାନପତ୍ର ଏଠାକୁ ବୁହାହୋଇ ଅଣାଗଲା ।

ହୋଟେଲ୍ ରିସେପ୍‌ସନ୍‌ରେ ମୋ ପାଇଁ ଗୋଟିଏ ଟାକ୍ସି ମଗାଇବାକୁ କହିଲି । ସବୁ ଜିନିଷପତ୍ର ଧରି ହୋଟେଲର ବୈଠକଖାନାରେ ଜଗି ରହିଥିଲି ଟାକ୍ସିପାଇଁ । ସେହି ସମୟରେ ଦେଖିଲି ଯେ ଜଣେ ଆଭିଜାତ୍ୟ ସମ୍ପର୍ଣ୍ଣ ବ୍ୟକ୍ତି ଗୋଟିଏ ଦାମିକା କାର୍‌ରୁ ଓହ୍ଲାଇଲେ । ଏଣେ ତେଣେ ନଜର ବୁଲାଇ ସେ ହୋଟେଲ୍ ଲାଉଞ୍ଜକୁ ଆସି ଏପଟ ସେପଟ ହେଲେ । ହାତରେ ସୁନାର ଘଡ଼ି ବେକରେ ଗୋଟିଏ ମୋଟା ସୁନାଚେନ୍ ଆଉ ଆଇ ଫୋନ୍‌ରେ ସେ କାହାକୁ ଗୋଟିଏ କଲ୍ କଲେ । ସେପଟେ ରିସେପ୍‌ସନ୍ ର ଫୋନ୍‌ର ଘଣ୍ଟି ବାଜିଉଠିଲା । ସେ ତୁରନ୍ତ ନିଜର ଫୋନ୍‌କୁ ବନ୍ଦ କରି





ରିସେପ୍‌ସନ୍‌କୁ ଯାଇ କିଛି ପଚାରିଲେ । ମୁଁ ଏପଟେ ବାହାରକୁ ଅନାଇ ବସିଲି ମୋର ଟାକ୍ସିପାଇଁ । ସେହି ବ୍ୟକ୍ତିଜଣକ ମୋ ନିକଟକୁ ଆସି ମୋତେ କହିଲେ "ମିଷ୍ଟର୍ ପ୍ରଶାନ୍ତ୍" । ଅତ୍ୟନ୍ତ ଆଗ୍ରହର ସହ ତାଙ୍କୁ ଅନାଇ ଦେଖିଲି । ସେ ନିଜର ପରିଚୟ ଦେଇ କହିଲେ ମୁଁ କମ୍ଫର୍ଟ ଟୁର୍ ଓ ଲିମୋସିନ୍ ସର୍ଭିସ୍‌ରୁ ଆସିଛି ଆପଣଙ୍କୁ ନେବା ପାଇଁ । ଆଶ୍ଚର୍ଯ୍ୟ ତ ପ୍ରଥମେ ହୋଇସାରିଥିଲି ତାଙ୍କର ସେହି ପୋଷାକ ପରିଛଦ ସବୁ ଦେଖି । ହେଲେ ଏବେ ବୁଝିପାରିଲି ସେ ମୋର ଟାକ୍ସି ଡ୍ରାଇଭର୍ । କିନ୍ତୁ ପରେ ସେ କହିଲେ ସେ ଜଣେ "ଚଫର୍" । ରାସ୍ତାରେ ତାଙ୍କୁ ପଚାରି ବୁଝିଲି ସବୁ ବିଷୟ। ତାଙ୍କ ନାମ ଥିଲା "ଅମୀର" , ସେ ଥିଲେ ପାକିସ୍ଥାନର ନିବାସୀ ଏବେ ଟରୋଣ୍ଟୋର । ଏଇମିତି ରାଜା ମହାରାଜାଙ୍କ ଭଳି ରହିବାକୁ ତାଙ୍କୁ ବଡ଼ ସଉକ । ସେ କହିଲେ ପ୍ରଶାନ୍ତ ଜୀ, ବଡ଼ ଚାକିରୀ ତ କିଛି କରିପାରିଲି ନାହିଁ ହେଲେ ଏବେ ଚଫର୍ ହୋଇ ସବୁ କରିପାରିଛି । ୮ଘଣ୍ଟା ଏହି କାମ ସରିଲା ପରେ ରାତିରେ ହୋଟେଲ୍ , ସିନେମା ସବୁ ମନ ଭରି ଉପଭୋଗ କରୁଛି । ଓହ୍ଲାଇଲା ପରେ ସେ ନିଜର ଗୋଟିଏ ଭିଜିଟିଙ୍ଗ୍ କାର୍ଡ ଦେଲେ ଏବଂ କହିରଖିଲେ କେବେ ଦରକାର ହେଲେ ଗୋଟିଏ କଲ୍ ଦିଅନ୍ତୁ ମୁଁ ହାଜୀର୍ ହୋଇଯିବି ।



ସନ୍ଧ୍ୟାବେଳେ ଜନ୍‌ସନ୍ ଏଣ୍ଡ ଜନ୍‌ସନ୍‌ର ଅଫିସ୍‌କୁ ବୁଲିବାକୁ ଗଲି । ଶାନ୍ତ ସୁନ୍ଦର ପରିବେଶ ଭିତରେ ଅତି ସଫାସୁତରା ଅଫିସ୍‌ଟିଏ । କେତେଗୁଡ଼ିଏ ଫୋଟୋ ଉଠାଇ

ଆସିଲି । ଏହି ଅଫିସ୍‌ଟି ଜାନ୍‌ସେନ୍ ଅର୍ଥୋ ଡିଭିଜନ୍ ନାମରେ ନାମିତ । ଏହା ଜନ୍‌ସନ୍ ଏଣ୍ଡ୍ ଜନ୍‌ସନ୍ ର ଫାର୍ମସିଉଟିକାଲ୍ ଡିଭିଜନ୍ ଯାହାକି ବିଭିନ୍ନ ପ୍ରକାର ଜଟିଳ ରୋଗର ନିରାକରଣ ଔଷଧି ପ୍ରସ୍ତୁତ କରିବା ନିମନ୍ତେ ସ୍ଥାପନ କରାଯାଇଛି । ଏହାର ଚେତନାର ଆଧାର ଥିଲେ ଡା: ପଲ୍ ଜନ୍‌ସନ୍ ।

ଏ ସପ୍ତାହାନ୍ତରେ ଆମେ ଗୋଟିଏ ବସ୍‌ପାସ୍ ନେଇ ଟରୋଣ୍ଟୋ ସହରର ଡାଉନ୍‌ଟାଉନ୍ କୁ ବୁଲିବାକୁ ଗଲୁ । ଏଠାକାର ବସ୍‌ପାସ୍ ବିଷୟରେ ଆପଣଙ୍କୁ କହିଦିଏ ।   ଏହି ଦୈନିକ ପାସ୍‌ର ମୂଲ୍ୟ ୧୦ଡଲାର୍ ଏବଂ ଜଣକ ପାଇଁ ହିଁ ବ୍ୟବହୃତ ହୁଏ ହେଲେ ଶନିବାର ଓ ରବିବାର ଦିନ ଏଥିରେ ଦୁଇଜଣ ବୟସ୍କ ଏବଂ ଚାରିଜଣ ୧୯ବର୍ଷରୁ କମ୍ ପିଲା ସାରା ସହର ବସ୍, ଟ୍ରାମ୍ ଓ ଟ୍ରେନ୍‌ରେ ବୁଲିପାରିବେ । ମୁଁ ଆଉ ମୋ ସ୍ତ୍ରୀ ଏହି ସପ୍ତାହାନ୍ତର ପାସ୍‌ର ଭରପୂର ଲାଭ ଉଠାଉଥିଲୁ । ଦିନସାରା ସବୁ ଦର୍ଶନୀୟ ସ୍ଥାନ ବୁଲିଆସୁଥିଲୁ ଆଉ ଫେରିଲା ବେଳେ ଘର ପାଇଁ ସଉଦା ବି ନେଇ ଆସୁଥିଲୁ ।

ଆଜି ଏଇମିତି ବୁଲୁବୁଲୁ କ୍ୱିନ୍ ଷ୍ଟ୍ରିଟ୍ ଆଉ ୟଙ୍ଗ୍ ଡଣ୍ଡାସ୍ ସ୍କୋୟାର୍ ର ଅନ୍ତର୍ଚ୍ଛେଦରେ ଥିବା "ଇଟନ୍ ସେଣ୍ଟର୍"କୁ ଗଲୁ । ଅତ୍ୟାଧୁନିକ ସାଜସଜ୍ଜା, ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ପରିପାଟୀର ଭଳିକି ଭଳି ସାମାନ । ଜୋତାଠୁଁ ଆରମ୍ଭ କରି ଛତା ଯାଏଁ ସବୁ ସେଠାରେ ମିଳେ । ସେଠିକାର "ୱାଇର୍‌ଲେସ୍ ୱେଭ୍" ଷ୍ଟୋର୍‌କୁ ଯାଇ ଗୋଟିଏ ମୋବାଇଲ୍ କନେକ୍‌ସନ୍‌ଟିଏ ନେଲି ଫାଇଡ୍ରୋ କମ୍ପାନୀର । ଏଠାରେ ରୋଜର୍, ଟେଲସ୍, ବେଲ୍, ୱିଣ୍ଡ୍ ମୋବାଇଲ୍,ମୋବାଇଲ୍ ସିଟି ପ୍ରଭୃତି କମ୍ପାନୀର ମୋବାଇଲ୍ ବ୍ୟବସ୍ଥା ରହିଅଛି ହେଲେ ଭାରତରେ ମୋ ପରିବାର ଓ ବନ୍ଧୁବର୍ଗଙ୍କ ସାଙ୍ଗରେ କଥା ହେବାକୁ ମୋତେ ଫାଇଡ୍ରୋର ପ୍ଲାନ୍ ହିଁ ଉପଯୁକ୍ତ ମନେ ହେଲା । ସବୁଠାରୁ ମଜା କଥା ହେଲା ଯେ ମୋତେ ଆଉ ମୋବାଇଲ୍ କିଣିବାକୁ ପଡ଼ିଲା ନାହିଁ । କାରଣ, ଏହି ପ୍ଲାନ୍ ସାଙ୍ଗରେ ମୋତେ ଗୋଟିଏ ସୋନି ଏରିକ୍‌ସନ୍‌ର ନୂଆ ଫୋନ୍‌ଟିଏ ମାଗଣାରେ

ମିଳିଲା । ୨୫ – ୩୦୦୦୦ଟଙ୍କାର ଫୋନ୍‌ଟିଏ ମାଗଣା ମିଳିଲା ବୋଲି ମୁଁ ବହୁତ ଖୁସି ହେଲି ମଧ୍ୟ ।

ସେଇଠୁ ବାହାରିଗଲୁ ପୁରୁଣା ସିଟି ହଲ୍‌କୁ ଦେଖିବା ପାଇଁ । ଏହା ଠିକ୍ ନୂଆ ସିଟିହଲ୍ ଆଉ ଇଟନ୍ ସେଣ୍ଟର୍ ର ମଧ୍ୟଭାଗରେ ଥିଲା । ଏହି ପୁରୁଣା ସିଟି ହଲ୍ ଟରୋଣ୍ଟୋ ସିଟି କାଉନ୍‌ସିଲ୍‌ର ଏକ ମୁଖ୍ୟ କେନ୍ଦ୍ରଥିଲା ୧୮୯୯ ମସିହା ରୁ ୧୯୬୬ ମସିହା ପର୍ଯ୍ୟନ୍ତ । ବେ ଷ୍ଟ୍ରିଟ୍‌ରେ ଥିବା ଏହି ଅଟ୍ଟାଳିକା ଟରୋଣ୍ଟୋ ର ଏକ ଜାତୀୟ ଐତିହାସିକ କେନ୍ଦ୍ର ଅଟେ । ୧୯୯୮ ମସିହାରେ ଇଷ୍ଟୟର୍କ, ଏଟୋବିକୋକେ, ନର୍ଥୟର୍କ , ଟରୋଣ୍ଟୋ , ୟର୍କ, ସ୍କାର୍‌ବୋରୋ ଏବଂ ଆଞ୍ଚଳିକ ସହରର ସମ୍ମିଳନ ଫଳରେ ନୁଆ ସିଟିହଲ୍‌କୁ ଏହା ସ୍ଥାନାନ୍ତରିତ କରାଗଲା ।

ଟରୋଣ୍ଟୋ ସହରର ଇତିହାସ କୁ ଆଉଡ଼େଇଲେ ଜଣାପଡ଼େଯେ ବର୍ତ୍ତମାନର ସିଟିହଲ୍ ଏହି ସହରର ଚତୁର୍ଥ ସିଟିହଲ୍ । ପ୍ରଥମ ସିଟିହଲ୍ ୧୮୩୪ ମସିହାରୁ ୧୮୪୫ ପର୍ଯ୍ୟନ୍ତ କିଙ୍ଗ୍ ଆଉ ଜାର୍ଭିସ୍ ଷ୍ଟ୍ରିଟ୍‌ର ଅନ୍ତର୍ଚ୍ଛେଦରେ ରେ ଥିଲା । ଏହା ଏକ ଅଗ୍ନିକାଣ୍ଡରେ ଧ୍ୱଂସସ୍ତୁପରେ ପରିଣତ ହୋଇଥିଲା । ଦ୍ୱିତୀୟ ସିଟିହଲ୍ ୧୮୪୫ ମସିହାରୁ ୧୮୯୯ ପର୍ଯ୍ୟନ୍ତ ଫ୍ରଣ୍ଟ ଷ୍ଟ୍ରିଟ୍ ରେ ସ୍ଥାପିତ ହୋଇଥିଲା । ଯାହାକୁ ଏବେ ଓଲ୍‌ଡ୍ ସିଟି ହଲ୍ କୁହାଯାଉଛି ତାହାଥିଲା ତୃତୀୟ ସିଟିହଲ୍ ଏବଂ ବର୍ତ୍ତମାନର ନୁଆ ସିଟି ହଲ୍ ହେଉଛି ଚତୁର୍ଥ ସିଟି ହଲ୍ । ଏହା ୧୯୫୭ ମସିହାରେ ମେୟର୍ ନାଥାନ୍ ଫିଲିପ୍ ଙ୍କ ଅବଦାନରେ ଫିନ୍‌ଲ୍ୟାଣ୍ଡ୍ ର ସ୍ଥପତି ଭିଜୋ ରେଭେଲ୍‌ଙ୍କ ଦ୍ୱାରା ନିର୍ମିତ ହୋଇଥିଲା ।

ସେଠାରୁ ଫେରିଆସିଲୁ ଟିଟିସି ବସ୍‌ରେ ଘରକୁ ସବ୍‌ୱେ ଟ୍ରେନରେ । ପୁଣି ଲେଖିବସିବି ଆଗାମୀ ଦିନର ଭ୍ରମଣ ଅନୁଭୂତି । ହେଲେ ଆଜି ଏଇଠି ରହୁଛି । ସମସ୍ତ ପାଠକ ଓ ପାଠିକାଙ୍କୁ ମୋର ଶାରଦୀୟ ଅଭିନନ୍ଦନ । ( କ୍ର ମ ଶଃ )



# ନଈପାରି

ବିକ୍କୀ ମିଶ୍ର

ମେଘରେ କେଉଁଠି ନିଆଁ ଥାଏ

,ଜଳରେ କେତେ ଉପ୍ତ ଥାଏ

ପବନରେ ଛୁଇ ଚାଲିଯିବାର

ଉପେକ୍ଷା ଥାଏ

!! ମୁଁ ଜାଣୀଚି,ତମେ ଜାଣୀଚ

ତମ ଛଳ ଛଳ ଲୁହର କଳାଡୋଳା

ମୋ ଦୁଇବାହୁର

ଶୁନ୍ୟତାରେ ଫୁଲହେଇ

,ଫୁଟିଲାବେଳେ

! ପାରି କରିଡିଓ-କେମିତି କହନ୍ତିଯେ

------ମୋ ସ୍ବୀକୃତି ସମର୍ପଣରେ

!! ଆହୁଲା,ଡଂଗାର ଲୋଡା କାତ

,ତମେ ଜାଣିଚ

ପାଣିକୁ କେତେବେଳେ

! ନାଉରିଆ ର ଡର ନଥାଏ

!!!!! ଭଉରି ହିଁ ତାରା ପ୍ରିୟତମା



# ଟାକିଛେଁ

ଶାଶ୍ବତ ସାହୁ

ଧନ-ଜନ-ଗୁପ-ଲକ୍ଷ୍ମୀ
ନାଇଁ ଦେଲ ନାଇଁ ଜଗତ୍ନାଥ
କାଁଜେ ମନ୍ ଉନା କର୍ମି
ଆଁଟେ ଆଁଟେ ଦୁଖ୍ ଦଉଥ ,
ଜାହା ବି ଗୁଟେ ଦଉଥିଲେଁ
ତମେ ଅଛ ବଲି ହେତଉ ଥିମି ନ
ତମ୍‌କେ ଭେଟ୍‌ବାର୍ ଆଶ୍ ରଖୁଥିମି ନ ,
ଯୁଗ୍ ଯୁଗ୍ ହେଲା ତ ଟାକିଛେଁ
ଫେନ୍ ଯୁଗେ ଟାକି ଦେମି ନ
ତମର୍ ଆସ୍‌ବାର୍ ଉପ୍‌ରେଁ
ଜେତେ ନାଇଁ ବାନ୍ଧି ଆଶା
ମୋର୍ ଟାକ୍‌ବାର୍ ଉପ୍‌ରେଁ
କେନ୍ତା ଜେ ଅଛେ ଜହ ଭର୍‌ସା ।

---------

ଟାକିଛେଁ = ଅପେକ୍ଷା କରିଛି ; କାଁଜେ = କାହିଁକି ;

ହେତଉ ଥିମି = ମନେ ପକଉ ଥିବି ; ଆଶ୍ = ଆଶା

ଫେନ୍ = ପୁଣି ; ଜହ = ଅଧିକ



# ଛଟ୍ ପଟ୍ ମନର ଆଶଙ୍କା

ରାମ ଚଂଦ୍ର ସାହୁ

ଦୂରରେ ଯଦି ନଇଁ ପଡିଚି ଆକାଶ
ପାହାଡ କଡକୁ,
ତୋ ଢଳି ପଡିବାକୁ ଏତେ
ଆକଟ କିଆଁ ?

ଜୀବନ ତ ସ୍ବଭାବର ଗୋଟେ
ପରିଚଳନ ,
ପାଇବାର ଆକାଂକ୍ଷାରେ ଘୋ ଘା ଶବ୍ଦ
ତତେ ଲୁଚେଇବାର କେତେ ଆପ୍ରାଣ ଚେଷ୍ଟା
ଅଥଚ ନିଜକୁ ଫୁଟାଇବାର
ତୋର କେତେ ଅନ୍ତର୍ଦାହ ।

ମତେ ଦେଖି
ମୋ ବନ୍ଦ ଥଳିରେ ପଶିଯାଆ ।
ବାହାରିବାର ରାସ୍ତା କାହିଁ ?
ଛଟ୍ ପଟ୍ ହୋ ପଛେ
ତତେ କେବେ ବି ଖୋଲିବିନି
ବାହାରେ ବ୍ୟାଧର ଧନୁ ଆଉ ତୀର

ମୃଗ ଆଉ ଶୃଗାଳର ନିବିଡ ବଂଧୁତା
ସେ ହିଁ ତତେ ଖୋଲିବ ତୋ
ନିବିଡ ବାହୁ ବଂଧନୀରୁ ।

ଜାଲରେ ଘେରା ଥିବା ତୋ ଅବୟବ,
ଅଣନିଶ୍ବାସୀ ପବନ,
ଚେତନାର ମୁହୁର୍ମୁହୁ ଉଚ୍ଛ୍ବାସର ମିଶ୍ରଣରେ
ମତେ ପୋହୋଳ ଭିତରେ ବୁଜି ଦେ
ତତେ କଥା ଦେଉଛି ତୋ
ପୁର୍ନଜନ୍ମର ଗୁପ୍ତ ମନ୍ତ୍ର ତୋ ଛଡା
ମୋ ବର୍ତ୍ତମାନକୁ ବି ଦେବିନି
ଏହା ହିଁ ସତ୍ୟ ... ସତ୍ୟ
ଆଉ ତ୍ରିବାର ସତ୍ୟ ।



# ଟ୍ରାଫିକ୍ ଜାମ୍ .....

ନିବେଦିତା ମିଶ୍ରଗୁରୁ

ସବୁଥର ପରି ଆଜି ବି ମିଠ ଚୌକି ପାଖେ ଟ୍ରାଫିକ୍ ଜାମ୍ । କେତେ ସମୟ ଲାଗିବ କେଜାଣି । ଏଇ ତ ମୁମ୍ବଇ ଜୀବନ ର ବିଶେଷତ୍ବ । ଆଜି ଅନେକ ଦିନ ର ବ୍ୟସ୍ତତା ପରେ ଇନରବିଟ୍ ଯିବା ପାଇଁ ଟିକେ ସମୟ ମିଳିଚି । ଜୀବନ ଜଞ୍ଜାଳ ଭିତରେ ମଝିରେ ମଝିରେ ସମୟ କାଢି ଇନରବିଟ୍ ମଲ୍ ବୁଲି ନ ଆସିଲେ ମୋ ମନ ମାନେନା । ଅବିନାଶ ହସନ୍ତି ..' ଲୋକମାନେ ନିଜକୁ ଚିନ୍ତା ମୁକ୍ତ କରିବା ପାଇଁ ହାଲୁକା ହବା ପାଇଁ ପାଗୋଡା ଯାଉଛନ୍ତି ବିପାସନା କ୍ରିୟା ଶିଖିବାକୁ ,ଅଥଚ ତୁମେ ସେଥିପାଇଁ ଯାଉଚ ଇନରବିଟ୍ ମଲ୍ ବୁଲି ' । ମୁଁ କିନ୍ତୁ କିଛି ଶୁଣେନା । ଏଇ ବିଶାଳ ମଲ୍ ର ଆଭିଜାତ୍ୟମୟ ପରିବେଶ ରେ ସବୁ କିଛି ସତେ ଯେମିତି ଭୁଲି ହେଇଯାଏ । ଭିନ୍ନ ଭିନ୍ନ ମଣିଷ ବିଭିନ୍ନ ବେଶଭୁଷା ,ସତେ ଅବା ଭିନ୍ନ ଏକ ପୃଥିବୀ । ଖୁବ୍ ଭଲ ଲାଗେ ମତେ । ଆଉ କିଛି ସପିଂଗ୍ ମଧ ହେଇ ଯାଏ ।

ଅବିନାଶ ଅଫିସ୍ ରେ । ନୀକୀ ସ୍କୁଲ୍ ଯାଇଚି । ଏଇ ଦ୍ବିପହର ସମୟଟି ମୋର ଏକାନ୍ତ ନିଜସ୍ବ ସମୟ । ସେଥିପାଇଁ ଏ ଭ୍ରମଣ ଯୋଜନା । ପାଂଚ ଛ' ବର୍ଷ ର ଛୋଟ ଝିଅଟିଏ ଭିକ ମାଗି ମାଗି ଆସି ମୋ ଅଟୋ ରିକ୍ସା ପାଖେ ପହଂଚିଲା । କାଖ ରେ ବର୍ଷକର ଶିଶୁ ଟିଏ । ହାତ ରେ ମଇଳା ଖିର ବୋତଲ୍ ଟେ । ନୁଖୁରା ବାଳ ,ଛିଣ୍ଡା ପୋଷାକ ଆଉ ଶିଶୁଟିର ମୁହଁ ଲୁହ ସିଂଘାଣୀ ଜର ଜର । ପୁଣି ପାଦ ସାରା ତାର ଘା' । ଅସହ୍ୟା ଥିଲା । ତା ହାତ ରେ କିଛି ଟଙ୍କା ଦେଲି । ସଡକ ରେ

ଏମିତିଆ ଦୃଶ୍ୟ ସବୁଠାରୁ ଦୁଖଃକର । ଏଇ ଅସହାୟ ମଣିଷମାନଂକୁ ଦେଖି ମନ ଭରି ଆସେ ।

ଭାରି ଗରମ୍ ।ବିରକ୍ତ ଲାଗିଲେ ବି ଆଖ ପାଖ କୁ ଦୃଷ୍ଟି ପକାଇଲି । କିଛି ସମୟ ତ କଟିବ । . ପାଖ ଅଟୋ ରେ ଖୁବ୍ ସୁନ୍ଦର୍ ଝିଅଟିଏ ବସିଚି । ଗୋରା ଗୋରା ହାତ ପାଦ ରେ ଲାଲ୍ ନେଲ୍ ପେଂଟ୍ ଭାରି ମାନୁଚି । ମୋବାଇଲ୍ ଫୋନ୍ ରେ ଗପିବାରେ ବ୍ୟସ୍ତ ସେ । ମଝିରେ ମଝିରେ ଖିଲ୍ ଖିଲ୍ ହେଇ ହସି ଉଠୁଚି । ଡାହାଣ ପଟେ କାର୍ ରୁ ଗୁଲୁ ଗୁଲିଆ ଶିଶୁ ଟେ ଚାହିଁଚି । ତାକୁ ଦେଖି ଟିକେ ହସି ଦେଲି । ମୁହଁ ବୁଲେଇ ନେଲା । ଟିକେ ପରେ ପୁଣି କଣେଇ ଚାହିଁଲା । ମୁଁ ଦେଖିନବାରୁ ଲାଜେଇ ଆଉ ପଟକୁ ମୁହଁ ବୁଲେଇ ନେଲା । ଫୁଲ ବାଲା , ଖେଳନା ବାଲା ଗୋଟିକ ପରେ ଗୋଟେ ଆସିକି ଗଲେ । ସାମନା ବାଇକ୍ ର ଯୁବକ ପଛରେ ଝିଅ ଟି ସତେ କେତେ ଜାକି ହେଇ ବସିଚି । ଲୋ ଓଏସଟ୍ ଜିନ୍ ପ୍ୟାନ୍ଟ ତାର ଆହୁରି ତଳକୁ ଖସି ଯାଇଚି । ମଝିରେ ମଝିରେ ଟପ୍ କୁ ତଳକୁ ଟାଣୁଚି ଘୋଡ଼େଇବା ପାଇଁ । ଏଇ ହେଲା ଆମର ଆଧୁନିକ ସଭ୍ୟତା । ଆଗେଇ ଚାଲିଚି ରସାତଳ ଆଡକୁ । ସବୁ କିଛି ଯେପରି ଶେଷ ହେଇ ଯିବ..ଆମ ସଭ୍ୟତା , ଆମ ସଂସ୍କୃତି ।

ସଡକ ଧାର ରେ ରୋଗଣୀ ଦିଶୁ ଥିବା ମହିଳା ଟି ଶିଶୁଟିଏ କାଖେଇ ବସିଚି । ଦୁହିଂକ ମୁହଁ ରେ ଟିକେ ଟିକେ କଳା ବୋଳା ହେଇ ମେକ୍ଅପ୍ କରାହେଲା ପରି ମନେ ହଉଚି । ଏମିତି ଅନେକ୍ ଥର ନଜର ରେ ପଡେ । ମନ ରେ ଦ୍ବନ୍ଦ ଆସେ । ସତରେ କଣ ଏମାନେ ଅସହାୟ ?ନା ଅସହାୟବୋଧ ର ନାଟକ । ଶୁଣିବାକୁ ମିଳେ ଛୋଟା , ଅନ୍ଧ , ରୋଗୀ ଆଦି ବିଭିନ୍ନ ପ୍ରକାର ଅଭିନୟ କରି ଭିକ ମାଗନ୍ତି ଲୋକେ ।

ରୋଜଗାର ର ଅନ୍ୟ ଏକ ସହଜ ପନ୍ଥା । କୋଳରେ ଥିବା ଶିଶୁ ମଧ୍ୟ କୁଆଡେ ଭଡା ରେ ଆସେ ।

ଟିକେ ଆଗରେ ଠିଆ ହେଇଚି କୁକୁଡା ବୋଝେଇ ଟ୍ରକ୍ । ଗନ୍ଧ ରେ ନାକ ଫାଟି ଗଲାଣି । ନାକ ରେ ରୁମାଲ୍ ଦେଲି । ଓଃ ..ଆଉ କେତେ ବେଳ ଲାଗିବ କେଜାଣି । ଆହୁରି ଆଗକୁ ଦିଶୁଚି ଟାଉନ୍ ବସ୍ ।

ଭିତରେ ଲୋକ ଭର୍ତି । ସେଠି ପିମ୍ପୁଡି ଗଳିବାକୁ ବି ଜାଗା ନାହିଁ । ସଡକ ର ଟ୍ରାଫିକ୍ ଜାମ୍ ଠାରୁ ଆହୁରି ଦୁର୍ବିସହ ଅବସ୍ଥା ତା ଭିତରେ । ଟାଉନ୍ ବସ୍ ପାଖରେ ସ୍କୁଲ୍ ବସ୍ ଠିଆ ହେଇଚି । ଚିଡିଆଖାନା ର ଜନ୍ତୁ ଭଳି ପିଲା ଗୁଡିକ ଚାହିଁଚନ୍ତି ବାହାର କୁ । ମିଳିତ କୋଳାହଳ ବି ଶୁଭୁଚି । ବିଚରା ଛୁଆ ଗୁଡାକ । କେତେବେଳେ ଘରେ ପହଂଚିବେ କେଜାଣି । କେମିତି ଜୀବନ ....ଭାବିଲେ ଦୁଖଃ ଲାଗେ ।

ସାମନା ରେ ଉପରେ ଦିଶୁଚି ଇଂଗଲିସ୍ ଭିଂଗଲିସ୍ ଚଳଚିତ୍ର ର ବିରାଟ ପୋଷ୍ଟର୍ । ଶ୍ରୀଦେବୀ ଖୁବ୍ ସୁନ୍ଦର୍ ଦିଶୁଚି । ତାକୁ ଚାହିଁ ରହିଲି । ସତେ ଯେମିତି ସିନେମା ରେ ତା ଚରିତ୍ର ଭିତରେ ନିଜକୁ ଖୋଜିବାକୁ ଚେଷ୍ଟା କରୁଥିଲି । ଟିନ୍ ଏଜ୍ ଆସି ଗଲେ ମା' ର ସବୁ କଥା ଧିରେ ଧିରେ କେମିତି ମୁଲ୍ୟହୀନ ହେଇ ଯାଏ । ସାଂଗମାନେ କେମିତି ହଠାତ୍ ଅତି ମୁଲ୍ୟବାନ୍ ହେଇ ଉଠନ୍ତି ଜୀବନ ରେ । ମନ ଦୁଖଃ ହୁଏ ।

ବଡାପାଓ ଖାଇ ଖାଇ ଝିଅଟିଏ ତର ତର ହେଇ ଚାଲିଗଲା ଫୁଟପାଥ୍ ରେ । କେତେ ବ୍ୟସ୍ତ ଜୀବନ । ଫୁଟପାଥ୍ ରେ କ୍ଷିପ୍ର ପଦକ୍ଷେପ ରେ ଶତ ଶତ ପଦାତିକ ଜନତା । ନିଜ ନିଜ ଜୀବନ ସଂଗ୍ରାମ ରେ ମଗ୍ନ । ଅଚାନକ ନଜର ପଡିଲା ଫୁଟପାଥ୍ ଧାର ରେ ଗୋଡ ଲମ୍ବେଇ ବସିଥିବା ଜିର୍ଣ ଶୀର୍ଣ ମଧ୍ୟବୟସ୍କ ଲୋକ ଟି ଉପରେ ।

ଆଣ୍ଠୁ ତଳକୁ ତାର ତାଜା କ୍ଷତ ଜଳ ଜଳ ହେଇ ଦିଶୁଚି । ଆହା ..ବିଚରା ଲୋକ ଟି ନିଶ୍ଚୟ କୌଣସି ଦୁର୍ଘଟଣା ର ଶିକାର ହେଇଥିବ । ଚମକି ଉଠିଲି ହଠାତ୍ । ପାଖରେ ଲୋକଟେ ବସି ରଂଗ ଆଉ ତୁଳୀ ଧରି ସେଇ କ୍ଷତ ଚାରିପଟେ ରଂଗ ବୋଳୁଚି । ଭଲକରି ଦେଖିଲି । ହେ ଭଗବାନ୍ ! କ୍ଷତ ଟି ତେବେ କୃତ୍ରିମ । ଆଦୌ ଜଣା ପଡୁନି । ରଂଗ ଦେଇ ତାକୁ ଆହୁରି ଜୀବନ୍ତ କରା ହଉଚି । ବିଶ୍ବାସ ନ ହେଉ ଥିଲେ ମଧ୍ୟ ସତ୍ୟ । ପଇସା ରୋଜଗାର ର ଏମିତି ବି ଉପାୟ ଥାଇପାରେ ସ୍ବପ୍ନ ରେ ବି ଭାବି ନ ଥିଲି କେବେ । ଲୋକ ଟିକୁ ଲକ୍ଷ କରିବାରେ ଲାଗିଲି ।

ଓଃ ..ଆଉ କେତେ ସମୟ ଏମିତି କଟିବ ? ଶ୍ବାସରୁଦ୍ଧ ହେଇ ଆସିଲାଣି । ହଠାତ୍ କିନ୍ନର କେତେ ଜଣ ତାଳି ମାରି ମାରି ଆଗେଇ ଆସିଲେ । କାର୍ , ବାଇକ୍ ଆଉ ଅଟୋ ମାନଂକ ପାଖେ ଭିକ ମାଗିବାରେ ଲାଗି ଗଲେ । ସୁନ୍ଦର୍ ପରିପାଟି ରେ ଆଧୁନିକ୍ତା ର ସ୍ପର୍ଶ । ମୋ ଅଟୋ ପାଖକୁ ମାଡି ଆସିଲା ଜଣେ । ବହଳ ମେକ୍ଅପ୍ ରେ ପାଖରୁ ମୁହଁ ତାର ବିଭତ୍ସ ଦିଶୁଚି । ଆରେ ..ଏ କଣ ?ତାଳି ମାରି ମାରି ଅଟୋ ଭିତରକୁ ହାତ ପୁରେଇଲାଣି । ମୋ ମଥା ସ୍ପର୍ଶ କଲା.. . 'ଦୁଆ ଲେ ଲୋ ଦିଦି ' । ତାପରେ ମୋ ଗାଲ। ବିରକ୍ତ ହେଇ ହାତ ତାର ଛାଟିଦେଇ ମୁଁ ଅନ୍ୟ ପାଖ କୁ ଘୁନ୍ଟି ଗଲି । ଆଖି ବୁଜିନେଇ ହାତ ରେ ମୁହଁ କୁ ଘୋଡ଼େଇ ଦେଲି । ସହସା ତାର ରୁକ୍ଷ କଣ୍ଠ ସ୍ବର ଶୁଭିଲା ... "ତୁ କବ୍ ଯାଏଗି ଉପ୍ପର ?" ଚମକି ଉଠି ଆଖି ଖୋଲିଲି । ତାର ତୀକ୍ଷଣ ଚାହାଣି ଦେଖି ଭାରି ଡରି ଗଲି । ମୋର ଏପରି ବ୍ୟବହାର ଦେଖି ରାଗୀ ଗଲା ବୋଧେ । ରାଗରେ ତାଳି ମାରି ମାରି ମୋ ଅଟୋ ଚାରି ପାଖେ ବୁଲିବାକୁ ଲାଗିଲା । ବାରମ୍ବାର ଲହରେଇ କହି ଚାଲି ଥିଲା .." ତୁ କବ୍ ଯାଏଗି ଉପ୍ପର୍ ? ତୁ କବ୍ ଯାଏଗି ଉପ୍ପର୍ ? " ଭୟ ରେ ଆଖି ବନ୍ଦ କରି ବସି ରହିଲି ମୁଁ ।

ଭାଗ୍ୟ କୁ ସେତିକିବେଳେ ଅଟୋ ମୋର ଆଗେଇଲା । ପଛକୁ ଫେରି ଚାହିଁଲି । କ୍ରୋଧ ଭରା ଚାହାଣି ତାର ଖୁବ୍ ଭୟଂକର ଦିଶୁ ଥିଲା । ଅଶ୍ରୁଳ ହେଇ ଉଠିଲା ଆଖି ମୋର । ହୃଦୟ ର ସ୍ପନ୍ଦନ ଆହୁରି ତୀବ୍ର ହେଇ ଉଠୁ ଥିଲା।

ମିଠ ଚୌକି ଅନେକ୍ ପଛ ରେ ରହି ଗଲାଣି । ଆଖି ବୁଜି ମୁଁ ସେମିତି ବସି ଥିଲି ସ୍ଥାଣୁବତ୍ । ଏକ ଅଜଣା ଭୟ ରେ ଶିହିରୀ ଉଠୁଥିଲା ଦେହ ମନ ମୋର । କାନରେ ଏବେ ବି ପ୍ରତିଧ୍ବନିତ ହେଉଥିଲା ସେଇ ରୁକ୍ଷ ସ୍ବର .. "ତୁ କବ୍ ଯାଏଗି ଉପ୍ପର୍ ? "



# ଶ ବ୍ଦା ବି ଷ୍କା ର

ଅରବିନ୍ଦ ଆଚାର୍ଯ୍ୟ (ଓ.ଏ)

ଯେଉଁ ଶବ୍ଦ ଶୁଣି ମୋର ନିଦ ଭାଂଗି ଯାଇଥିଲା..
ଠିକ୍ ମଝି ରାତି ରେ..
ହଁ..ମଝି ରାତି ହିଁ ହେବ..
କାରଣ ..ଦୁର ଗଛ ଡାଳ ରେ
ପେଚା ଟିଏ କହୁଥିଲା
ହୁଟ୍...ହୁଟ୍...ହୁଟ୍
ଆଉ ଆମ ପାଖ ରୁମ୍ ର
ରମେଶ ବାବୁ , ସେକେଣ୍ଡ ସୋ' ରୁ
ଫେରୁ ଥିଲେ ।
କିନ୍ତୁ.......
ଯେଉଁ ଶବ୍ଦ ଶୁଣି ମୋର ନିଦ ଭାଂଗି ଯାଇଥିଲା..
ସେଇଟା... ପେଚା ର କିମ୍ବା, ରମେଶ ବାବୁ ଙ୍କ
ଚପଲ ଘୋସରା ଶବ୍ଦ ନୁହେଁ....
ଏକ କ୍ଷୁଦ୍ର ରକ୍ତ ଭୋଜୀ କୀଟ ର..
ଗୁଣୁ ଗୁଣୁ ଶବ୍ଦ...
କଂଚା ଓଡିଆ ରେ.....
ମଶା ଙ୍କ ର ଗୁଣୁ ଗୁଣୁ ଶବ୍ଦ...



# ମୋ ଜୀବନ ବହି

ରଶ୍ମୀ ରଞ୍ଜନ କର

ମୋ ଜୀବନ ଗୋଟେ ଖୋଲା ବହିପରି। କିଏ ମୂଲ୍ୟବାନ ଭାବି ଗୋଟାଇ ନିଏ, କିଏ ସେଥିରୁ କିଛି ଦରକାର ତଥ୍ୟ ଜାଣିନେଇ ସେଇଠି ଛାଡ଼ି ପଳାଏ ଅଥବା କିଏ ତାକୁ ରଦ୍ଦି ଭାବି ଆଡ଼େଇ ଦିଏ। କିନ୍ତୁ କ'ଣ ବହିର ଅସ୍ତିତ୍ବ କେବେ ବଦଳିଯାଏ କି ନା ମହତ୍ତ୍ବ କମିଯାଏ ? ନା, କେବେବି ବହିର ଅସ୍ତିତ୍ବ ବଦଳେନି କି ତା'ର ମହତ୍ତ୍ବ କମେନି।

ଜାଣିଚ ନା ! ମୋ ଜୀବନ ବହିରେ ଖାଲି କାଗଜ ଅଛି। ତାକୁ ଯିଏ ଦେଖିପାରେ ସେ ତା ମନର କଲମରେ ଓ ଭାବନାର ତୁଳୀରେ ସୁନ୍ଦର ଚିତ୍ରଟିଏ ଆଙ୍କିଦିଏ। ଯିଏ ତା'ର ମୂଲ୍ୟ ବୁଝିପାରେନି ସେ ତାକୁ ଚିରି ବର୍ଷାପାଣିରେ ନୌକା ଭସେଇ ଦିଏ।

ମୋ ଜୀବନ ବହିର ସୂଚୀପତ୍ର ବହୁତ୍ ଛୋଟ କିନ୍ତୁ ପ୍ରତ୍ୟେକ ସୂଚୀର ବିଷୟବସ୍ତୁ ବହୁତ୍ ଅଧିକ। ଜୀବନର ପ୍ରତିଟି କ୍ଷଣ, ପ୍ରତିଟି ଘଟଣା, ପ୍ରତିଟି ଅନୁଭୂତି ଏଥିରେ ଲେଖା ଅଛି। ଏବେ ତୁମେ ନିର୍ଣ୍ଣୟ ନିଅ, ତୁମେ କ'ଣ କରିବାକୁ ଚାହଁ ମୋ ସହିତ ? ମୋତେ ଗୋଟେ ମୂଲ୍ୟବାନ ବହିପରି ସାଙ୍ଗରେ ନେଇଯିବ ନା ରଦ୍ଦି ଭାବି ଆଡ଼େଇ ଦେବ? ନା ସେଥିରୁ କିଛି ମୂଲ୍ୟବାନ କ୍ଷଣ ଚୋରେଇ ନେଇ ନିଜ ପାଖରେ ରଖିବ?

ମୁଁ କିନ୍ତୁ ତୁମକୁ ସ୍ଥାନ ଦେଉଥିଲି ମୋ ଜୀବନ ବହିର ଗୋଟିଏ ବିଷୟବସ୍ତୁ ଭାବରେ, ତୁମ ନାଁକୁ ରଖିବାକୁ ଚାହୁଁଥିଲି ସୂଚୀପତ୍ରରେ, କିନ୍ତୁ ତୁମେ ହେଇ ରହିଗଲ ବହିର ପଛଆଡ଼କୁ ଥିବା କିଛି ନୋଟ୍‌ସର ଫର୍ଦ୍ଦ। ଯାହାର ସ୍ଥାନ ବହିରେ ଥାଏ ସତ, କିନ୍ତୁ ପଛ ଆଡ଼କୁ। ଆଉ ଯାହାକୁ କେହି ଦେଖନ୍ତିନି ମଧ। ମ'ଣ ବହିରେ ନୋଟ୍‌ସର କିଛି ମୂଲ୍ୟ ନାହିଁ ? ଅଛି, କିନ୍ତୁ କ୍ଷଣିକ ଓ ସାମୟିକ।



# ଫେସ୍‌ବୁକ୍ -୩

( ପୂର୍ବ ପ୍ରକାଶିତ ଉତ୍ତାରୁ )

ପ୍ରଶାନ୍ତ କୁମାର ଭୂୟାଁ

ଅଫିସ ଫେରନ୍ତା ଶୁଖିଲା ପାଟିଟାରେ ସୀତାଫଳ ଭଳିଆ ଲଡୁଟା ପାଇ ଚୋରିଆ ବାବୁଙ୍କ ମୁହଁଟା ହନୁଭଳିଆ ଫୁଲିଗଲା । ଗଁ...ଗଁ... ହୋଇ ଯେମିତି ସେମିତି ଗିଳିଦେଲେ । ହେଲେ କୁତୁହଳଟା ସେଇମିତି ରହିଥିଲା ମନଭିତରେ । ଏଣେ ତାଙ୍କ ହାତଟାକୁ ଟାଣିନେଇ ବନ୍ତିଳ ମାଇଁ ବୈଠକ ରୁ ଶୟନ କକ୍ଷକୁ ନେଇଗଲେ । ଏଇଠି ଆଉ ଏକ ଆଚମ୍ବିତ ଦୃଶ୍ୟ ଦେଖି ଚୋରିଆ ମାମୁଁଙ୍କ ଅଠାଳିଆ ମୁହଁଟା ଆଁ ହୋଇଗଲା । ଏସବୁ ଦେଖି ବନ୍ତିଳ ମାଇଁ କହି ଉଠିଲେ , କିହୋ ମୁହଁଟାକୁ ବନ୍ଦ କରୁନ ? ପବନ ପଶିଯିବ ହେ । ଚୋରିଆ ମାମୁଁ ଦେଖିଲେ ଯେ ବମ୍ବେଇ ପେଟେର୍ନ ଖଟ ପାଖରେ ଗୋଟିଏ ବିଦେଶୀ ଢାଞ୍ଚାର ନୂଆ କମ୍ପ୍ୟୁଟର ଟେବୁଲ୍‌ଟିଏ ରହିଛି । ତାକୁ ଜହ୍ନିଓଷାର କୁଞ୍ଜ ଭଳି ସଜା ହୋଇଛି ଆମ୍ବପତ୍ର ଆଉ ଫୁଲରେ । କୋଠରୀଟିରେ ତାଙ୍କ ଝିଅ ଉଲି ଆଉ ଶଳା ସନା ବସି ଚୋରିଆ ବାବୁଙ୍କ ଥାକରୁ ଡିଭିଡି ଆଉ କେସେଟ୍ ସବୁ ଘାଣ୍ଟୁଛନ୍ତି । ପାଖରେ ଗୋଟିଏ ହ୍ବିଲ୍ ଚେୟାର୍‌ରେ ସମ୍ବାଦ ପତ୍ର ଉପରେ ଭୋଗରାଗ , ପିତ୍ତଳ ଦୀପଦାନି ଆଉ ଘଣ୍ଟି ଥୁଆ ହୋଇଛି । ଆଉ ଅସଲ ସଜଟି ରହିଛି ଟେବୁଲ ଉପରେ । ସେଇଟା ହେଲା ଗୋଟିଏ ଅତ୍ୟାଧୁନିକ "ଲାପ୍‌ଟପ୍", ଏଚ୍.ପି. କମ୍ପାନୀର । ଗାଲରେ ହାତ ଦେଇ ଠିଆ ହେଲେ ଚୋରିଆ ମାମୁଁ ।

କିହୋ ଉଲିବୋଉ ଇଏ କଣ ? ଏ ଲାପ୍‌ଟପ୍ କାହିଁକି ? ଏଇଟା ତ ଗୁଡ଼େ ପଇସା ହେଇଥିବ ?

ତାଙ୍କ ଶଳା ସନା କିଛି କହିବାକୁ ଆସୁଥିଲା ହେଲେ , ବନ୍ତିଳ ମାଇଁ ତାଙ୍କ ଝିଅ ଓ ଭାଇକୁ କୋଠରୀରୁ ବାହାରି ଯିବାକୁ ଇସାରା ଦେଲେ । ସେମାନେ କୋଠରୀରୁ ବାହାରକୁ ଯାଇଛନ୍ତି କି ନାହିଁ  ତୁମ୍ଭି ତୋଫାନ ଭଳି ଧାଇଁ ଯାଇ ଧଡ଼ାସ୍ କରି ଖଟଟା ଉପରେ ଛେଚି ହୋଇ ବସି ପଡ଼ିଲେ । କାନିଟାକୁ ପାଟିରେ ଘୋଡ଼ାଇ ବାହୁନିବାରେ ଲାଗିଲେ ।

ହଇହେ, ଏତେଦିନ ପରେ ଘରଟାକୁ ପଶିଲି ବୋଲି ଟିକିଏ ଖୁସିତ ହେଲ ନାହିଁ, ଭଲମନ୍ଦ ଦିପଦତ ପଚାରିଲ ନାହିଁ ।

ହେଲେ ମୋର ଫଟା କରମକୁ ଦେଖ ଯେ ତମର ସେ ପୋଡ଼ାଜଳା କଥା ହେବାର ଅଭ୍ୟାସ ସିମିତି ଅଛି ।

ପଚାରୁଛ କଣନା "ଏ ଲାପ୍‌ଟପ୍ କାହିଁକି ?"

କିହୋ ତମେତ ଗୋଟେ ବେକରେ ଯୁଆଳି ଭଳିଆ ପକେଇ ବୁଲୁଛ ଗଲା ଆଇଲା ବେଳେ ହେଲେ ମୁଁ କଣ କେଭେଁ ପଚାରିଛି ? ତମକୁ କଣ ଜଣାନାହିଁ ଏଇଟାର କାମ କଣ ?

ଚୋରିଆ ବାବୁ ଖଟ ପାଖକୁ ଯାଇ ଅବସନ୍ନ ମନରେ କହିଲେ,

ଏ ଊଲିବୋଊ , କଥାଟାକୁ କେଭେଁତ ବୁଝିଲ ନାହିଁ । ବେକାର ଯୁକ୍ତିତର୍କ ଆରମ୍ଭ କରନାହିଁ । ହଇଓ ଏତେଦିନ ପରେ ଘରକୁ ଆସିଛ ଶୁଣିତ ନିଘା ଧାଇଁ ଆସିଲି ଅଧାକାମ ଛାଡ଼ି । ହେଇ ସେ ବେଗ୍‌ଟାକୁ ଦେଖୁନ ତମପାଇଁ ଇଟିମଳା ଫୁଲ ଆଊ ଛେନାପୋଡ଼ତ ଧରି ଆସିଲି । ଆଊ ଭଲମନ୍ଦ ପଚାରିବା ଆଗରୁ ତ ଭିଡ଼ିଆଣି ଏ ଦୁଆରୀ ନାଟ ଦେଖଉଛ , ଆଊ ପଚାରିବି କଣ କୁହ ?

ନିଜର ଅଭିମାନ ଭରା ସ୍ୱରକୁ ଆଉଟିକେ ବଢ଼ାଇ ପଞ୍ଚମ ତାନକୁ ନେଇ ବନ୍ତିଳ ମାଇଁ କହି ଉଠିଲେ,

କଣ କହିଲ ମୁଁ ଦୁଆରୀ ନାଟ ଦେଖୋଉଛି ତମକୁ...!

କିହୋ ଯୁକ୍ତିତର୍କ ମୁଁ କରୁଛି ନା ତମେ ?

ଏ ଦିଟଙ୍କାର ଇଟିମଳା ମାଳ ଆଉ ବାସି ଛେନାପୋଡ଼ ର ସୁଆଙ୍ଗ ମୋତେ ଦେଖାଅ ନାହିଁ ।

ତମ ମନରେ କଣ ଗଣିତ ଚାଲିଛି ମୁଁ ବୁଝୁଛି ହୋ, ସେ ଲାପଟପ୍ ଦେଖି ତମ ନାହି ଡେଇଁଲାଣି ।

ହେଲେ , ହେଇଟି ଶୁଣ ସତକଥା କହୁଛି । ତମର ପାଞ୍ଚ ପଇସା ଖରଚ ହେଇନି, ବୁଝିଲ ?

ହେଇଟି ପଧାନ ଘର ଝିଅ ମୁଁ । ମୋ ବୋପା ଦିହକରୁ ଭାଇ ଦିହ ଯାଏଁ ସବୁ ବୁହିଁ ଆଣିଛି ଆମ ଘରୁ ହେଲେ ତମର ପଇସା ଶ୍ରାଦ୍ଧ କରିବାକୁ କେବେ ଯାଇନି ।

ଆମ ଗାଁରେ ସରକାରଙ୍କ କଣ ଗୋଟିଏ ଶିକ୍ଷା ଯୋଜନା ଆରମ୍ଭ ହେଇଚି, କଣ ବେଇଲେ....ହଁ ମନେ ପଡ଼ିଲା , କମ୍ପୁଟର ଶିକ୍ଷା । ସେହି ସିକିମ୍‌ରେ ଯିଏ କମ୍ପୁଟର୍ ଯୋଗୋଉଚି ସିଏ ବା ମୋ ଭାଇକୁ ଏଇଟା ଗିଫିଟି ଦେଇଛି । ସେଥିପାଇଁ ମୋ ଭାଇ ତାର ନାମ ଫାରବାଡ଼ କଲା ସରକାର କୁ । ଆଉ ତମର ନାହି ଡେଇଁବା ଦରକାର ନାହିଁ , ହେଲା ? ଗାଁ, ଇସ୍କୁଲ କୁ ଯିଏ ମେଡେମ୍ ଆଇଛି ସିଏ ମତେ ପାଞ୍ଚ ସାତ ଦିନରେ ସବୁ ଶିଖେଇ ଦେଇଛି ବା, ଫେସ୍‌ବୁକ୍...ସ୍କାପି ଆହୁରି କେତେକଣ । ତମକୁ ଏବେ ଟେଁସନ ହେବା ଦରକାର ନାହିଁ ।

ଚୋରିଆ ବାବୁ କଣ କହିବେ କିଛି ଭାବିପାରୁନଥିଲେ । କେମିତି ବୁଝେଇବେ ୟାଙ୍କୁ ? ୟାଙ୍କର ତ ବାଳିଆ ପାଟି ଏବେ ପୁରା କଲୋନୀରେ ବୁଲି ବୁଲି ଫଟେଇ କହିବେ ଏହି ଇତିହାସ "ଲାପ୍‌ଟପ୍"ର । ଏଇଟା ଯେ ଗୋଟିଏ ଲାଞ୍ଚ ଏହାତ ୟାଙ୍କୁ ବୁଝାଇବାକୁ ପଡ଼ିବ ହିଁ । ହେଲେ, ହଠାତ୍ ଆଉ କିଛି ନବୁଝାଇ ସେ ବନ୍ତିଳ ମାଇଁଙ୍କ

କଥା ପୁରା ବୁଝିଗଲା ଭଳି ହଁ ଟିଏ ମାରି କହିଲେ, ହେଉ ଉଲିବୋଉ ମୁଁ ସବୁ ବୁଝିଲି । ଆଉ ଶୁଣ ମୁଁ ପୁରା ଥକି ଆସିଛି ଅଫିସ୍‌ରୁ , ଯାଏଁ ଟିକେ ଧୁଆଧୁଇ ହୋଇ ଆସିବି । ତମେ ବସି ଆରାମରେ ଛେନାପୋଡ଼ ଖାଅ । ବନ୍ତିଳ ମାଈଁ ସମ୍ପୂର୍ଣ୍ଣ ରୂପେ ଆଶ୍ୱସ୍ତ ହୋଇ ପାରିଲେ ନାହିଁ ଚୋରିଆ ମାମୁଁଙ୍କ ସହମତିରେ ।

ଚୋରିଆ ମାମୁଁ ଧୁଆଧୁଇ ହେବାକୁ ଗଲେ ଗାଧୁଆ ଘରକୁ । ବନ୍ତିଳ ମାଈଁ ମୁହଁଟାକୁ ଭାରୀ କରି ବେଗ୍‌ଟିକୁ ଧରି ଧମ୍ ଧମ୍ ହୋଇ ରନ୍ଧାଘରକୁ ଚାଲିଗଲେ । ପାଖଘରେ ତାଙ୍କ ଝିଅ ଓ ଭାଇ ଏହି ଶୀତଳ ଯୁଦ୍ଧର ଆବହାୱାକୁ ସମୀକ୍ଷା କରିବାରେ ଲାଗିଥିଲେ ।

ସେଦିନ ଚୋରିଆ ମାମୁଁଙ୍କୁ କିଛି ଭଲ ଲାଗୁନଥିଲା ଏ ବିଷୟ ସବୁ ହେଲେ ସେ ଟିକେ ସାହସ ଜୁଟାଇ ଆଉ ନିଜକୁ ସମ୍ଭାଳି, ଶୋଇବା ସମୟରେ ପୁଣି ଏହି ଲାପ୍‌ଟପ୍ ବିଷୟଟାକୁ ଶେଯ ଉପରକୁ ଆଣିଥିଲେ । ବନ୍ତିଳ ମାଈଁଙ୍କୁ ବୁଝାଇଥିଲେ ଯେ ଏଭଳି ଜନସାଧାରଣଙ୍କ ପାଇଁ ପ୍ରାୟୋଜିତ ସୁବିଧା ସୁଯୋଗ ସବୁକୁ ଅକ୍ତିଆର କରିବା ସମିଚୀନ ନୁହଁ । ଏହା ମଧ୍ୟ ତାଙ୍କୁ ବୁଝାଇଥିଲେ ଯେ ଏହିଭଳି ଅନ୍ୟାୟ ଗଣତନ୍ତ୍ର କୁ କିଭଳି ଭିତରେ ଭିତରେ କୋରି ସାରିଲାଣି । ସେ ବୁଝାଇଥିଲେ ତାଙ୍କୁ ଦେଶର ସାମାଜିକ ଓ ନ୍ୟାୟିକ ବ୍ୟବସ୍ଥା ଏବଂ ଜନସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶା । ଏହିଭଳି ବହୁତ ଗୁଡ଼ିଏ ଜ୍ଞାତବ୍ୟ ତଥ୍ୟ ସେ ଉପସ୍ଥାପନ କରିଗଲେ ବନ୍ତିଳ ମାଈଁଙ୍କ ସମ୍ମୁଖରେ । ଶୋଇବା ଘରଟା ଗୋଟିଏ ସଭାକକ୍ଷଭଳି ଧିରେ ଧିରେ ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ବାତାବରଣ ଆଡ଼କୁ ଗତି କରୁଥାଏ । ବନ୍ତିଳ ମାଈଁ ଚଦରଟାରେ ନଖଦ୍ୱାରା ଗାର ଟାଣୁଥିଲେ ଆଉ ଏକ ରାଜନିତୀ ବିଜ୍ଞାନର ଛାତ୍ରୀଭଳି ଅତ୍ୟନ୍ତ ଧ୍ୟାନର ସହ ଶୁଣୁଥିଲେ । ପରିଶେଷରେ ସେ କହିଉଠିଲେ, ହେ ମୋର ସତ୍ୟବାନ ସ୍ୱାମୀ ମୁଁ କେଉଁ ଅନୁନ୍ନତ ଜଙ୍ଗଲ ଅଧ୍ୟୁଷିତ ଇଲାକାରୁ ଆସିନାହିଁ । ମୋ ବାପା

ଜଣେ ମେଲେ ଥିଲେ ଆଉ ମୋ ଭାଇ ଏବେ ଗାଁ ବ୍ଲକ୍‌ର ଚେୟାରମେନ୍ ଅଛି । ଦେଶଦଶର ଅବସ୍ଥା ଓ ବ୍ୟବସ୍ଥା ଆମ ଘରେ ନିତି ସକାଳେ ଚାହା ପିଇବାଠାରୁ ଆରମ୍ଭ କରି ରାତିରେ ଶୋଇ ଘୁଙ୍ଗୁଡ଼ି ମାରିବା ପର୍ଯ୍ୟନ୍ତ ଚାଲୁଥାଏ ।

ସେ ଧିରେ ଧିରେ ଦେଶର ରାଜନିତୀ ଓ ପରିସ୍ଥିତି କୁ ଚୋରିଆ ମାମୁଁଙ୍କ ଆଗରେ ଉପସ୍ଥାପନ କରିବାକୁ ଯାଇ କହିବାରେ ଲାଗିଲେ । ବୁଝିଲ ଏବେ ଏ ଦେଶରେ ଜଙ୍ଗଲ ରାଜନିତୀ ଚାଲିଛି । "ଜୋର୍ ଯାର, ମୂଲକ ତାର" ହେଉଛି ବର୍ତ୍ତମାନ ରାଜନିତୀର ମୂଳମନ୍ତ୍ର । ମୋ ବାପା ଗରୀବ ଓ ଗୁରୁବାଙ୍କ ପାଇଁ ବହୁତ ଲଢ଼ିଥିଲେ ହେଲେ ତାଙ୍କୁ ଆଉ ଟିକଟ ମିଳିଲା ନାହିଁ । ମୋ ବାପା ସ୍ୱାଧିନ ଭାବେ ଲଢ଼ିଲେ ହେଲେ ଏଇ ଗରୀବ ଗୁରୁବା ମାନେହିଁ ଅଧାବୋତଲ ମହୁଲୀ, ଦିଟା ଦରପୋଡ଼ା ଚିକେନ୍ ତନ୍ଦୁର୍ ଓ ଚାରିହାତିଆ କନା ଖଣ୍ଡେପାଇଁ ତାଙ୍କୁ ହରାଇ ଦେଇଥିଲେ । ସେହି ମାର୍ମିକ ଆଘାତରେ ମୋର ବାପାଙ୍କ ଦେହାନ୍ତ ହୋଇଥିଲା । ମୋ ଘର କଥା ଛାଡ଼ ହୋ, ଚାଲୁନ ମୁଁ ସ୍ୱାଧିନତା ହେବାଠାରୁ ଆମ ଦେଶର ଗଣତନ୍ତ୍ରରେ ହୋଇଥିବା ଦୁର୍ନୀତି ସବୁ କହୁଛି । ସେତେବେଳେ ବୁଝିବ ଯେ ମୁଁ ଏହି ଲୁହାପେଢ଼ିଟା ଆଣି ଏଇମିତି କିଛି ଗର୍ହିତ ଅପରାଧ କରିପକେଇନି ।

ସେ କହିବାରେ ଲାଗିଲେ, ୧୯୪୮ ମସିହାରେ ଦେଶରେ ୮୦ଲକ୍ଷଟଙ୍କାର ଜିପ୍ ସ୍ୟାଣ୍ଡାଲ୍ ହେଇଥିଲା । ଆଉ ସେଇ ସ୍ୟାଣ୍ଡାଲ୍ ସ୍ୱାଧିନ ଭାରତର କେଉଁ ଗରୀବ ବା ନିର୍ବୋଧ ଜନତା କରିନଥିଲେ । ସେଇଟା କରିଥିଲେ ଦେଶର ହାଇକମିଶନର୍ । ଆଉ ତାକୁ ଘଣ୍ଟ ଘୋଡ଼େଇଥିଲେ ପ୍ରଧାନ ମନ୍ତ୍ରୀ ଆଉ ଗୃହମନ୍ତ୍ରୀ । ସେଇତ ଅୟମାରମ୍ଭ ଥିଲା ଆମ ଦେଶର ସ୍ୟାଣ୍ଡାଲ୍ ର ଇତିହାସ ଯାହା କି ଆଜିଯାଏ ସରିନି । ଏଇମିତି ହେଇହେଇ ଗୋଟିଏ ପରେ ଗୋଟିଏ ରାଜନିତୀ ଦଳ, ନେତା ଓ ପ୍ରତିପତ୍ତିଶାଳି ଲୋକ ସବୁ ଏ କଳା ସବୁ ହାତେଇନେଲେ । ସତେ ଯେପରି

ସେମାନଙ୍କ ଭିତରେ ପ୍ରତିଯୋଗିତା ଚାଲିଛି କିଏ କେତେ ଲୁଟିପାରିବ । ୧୯୮୭ ର ବୋଫର୍ସ୍, ୧୯୯୨ ରେ ହର୍ଷଦ୍ ମେହେଟ୍ଟା, ୧୯୯୬ ରେ ଚାରା ଘୋଟାଲା, ୧୯୯୭ ର ହାୱାଲା, ୨୦୦୦ ରେ କିରିକେଟ୍ ମେଚ୍ ଫିକ୍ସିଙ୍ଗ୍, ୨୦୦୨ରେ କାରଗିଲ୍ କଫିନ୍ ଓ ଷ୍ଟାମ୍ପ୍ ପେପର୍, ୨୦୦୫ରେ ବନ୍ୟା ରିଲିଫ୍, ୨୦୦୮ ରେ ସତ୍ୟମ୍, ୨୦୧୦ କମନ୍‌ୱେଲ୍ଥ୍ ଗେମ୍ସ୍, ୨୦୧୧ରେ ଇସ୍‌ରୋ ଆଉ ଏବେତ ଚାଲିଛି କୋଇଲା ଖଣି ।

କୁହ , ଆହୁରି ଶୁଣିବ କହିଲେ କହିବି । ମୁଁତ ଗୋଟେ ୩୦/୪୦ ହଜାରର ଲାପ୍‌ଟପ୍‌ଟେ ଆଣିଛି ହେଲେ ମୁଁ ଏବେ ଯେଉଁ ସବୁ କଥା ବଖାଣିଲି ସେ ସବୁ ହଜାର ହଜାର କୋଟିର କଥା । ବୁଝିଲ କି, ଯଦି ସେ ସବୁ ପଇସାକୁ ନିୟନ୍ତ୍ରିତ କରାଯାଇପାରନ୍ତା ତାହେଲେ ଏବେ ଦେଶରେ ସମସ୍ତେ କୋଟାଧିପତି ହୋଇ ବସିଥାନ୍ତେ । ଏଣୁ ପାଟିଟାକୁ ଖୋଲାଅ ନାହିଁ ମୋର । ହାଇରେ ! ଗୋଟେ ଆଛା ପାଲା ଚାଲିଛି ଏଠି ।

ମୋ ଭାଇତ ଖୁସିରେ ଦେଲା ଆଉ ମୁଁତ ଖୁସିରେ ଆଣିଲି, ତମେ ମୋତେ ଏଇମିତି ଦୋଷୀଭଳି କାହିଁକି ଏଇଠି କାଠଗଡ଼ାରେ ଠିଆ କରେଉଛ କହିଲ ? ହଇହେ, ସେ ପଣ୍ଡାବାବୁଙ୍କ ତମଠୁଁ କମ୍ ଏସ୍‌ପେନ୍‌ସ୍ ଥାଇ ସେ ଆଗ ପମୋଶନ ପାଇଗଲେ ଆଉ ତମେ ଯେଉଁଠିକୁ ସେଇଠି ! କାଇଁକି ନା ତମେ ଉପର ହାକିମ କୁ "ହାଁ ଜୀ" କହି ପାରୁନ, ତାଙ୍କ ପିଲାଙ୍କୁ ଇସ୍କୁଲରୁ ନିଆଅଣା କରିପାରୁନ ଆଉ ସବୁଠୁ ବଡ଼କଥା ହେଲା ତମେ ସେମାନଙ୍କ ସାଙ୍ଗେ ପିଆପିଇ କରିପାରୁନ । ବୁଝିଲ, ତମେ କେବେ ଚାଲାକି ହେବ କେଜାଣି ଲୋ ମା ? କିହୋ , ଆମେ ଦିଜଣ ଏଇ ହାଟ ମଝିରେ ବ୍ରହ୍ମଜ୍ଞାନ ଜପିଲେ କଣ ଦେଶ ସୁଧୁରି ଯିବ ? ହେଇଟି କାଳୀଗାଈର ଭିନେ ଗୋଠ ଭଳିଆ , ଲୋକେ ଆମକୁ ଦେଖି ନାକରେ ଆଙ୍ଗୁଠି ଦେଇ ହସିବେ ।

ଚୋରିଆ ମାମୁଁ କହିଲେ , ବୁଝିଲ ଉଲିବୋଉ ତୁମ କଥା ସବୁ ସତ ହେଲେ

ଆମେ ମଧ୍ୟ ଯଦି ଏଭଳି ଅନ୍ୟାୟ କରି ବସିବା ତେବେ ଏ ଦେଶ କୁ ସୁଧାରିବ କିଏ ? କିହୋ, ବ୍ରିଟିଶ୍ ମାନେ ସିନା ପରଲୋକ ଥିଲେ , ଲୁଟି ଦେଇଗଲେ, ହେଲେ ଆମେ ? ତୁମେ ଯାହା କୁହ ପଛେ ମୋତେ ଏ କଥାଟା ଟିକେ ଅଡୁଆ ଲାଗୁଛି । ତୁମକୁ ଯଦି ଏହା ଖୁସି ଲାଗୁଛି ତେବେ ମୋର ଆଉ କିଛି କହିବାର ନାହିଁ । ମୋର କୁହାଶୁଣାକୁ ଭୁଲିଯାଅ , ଏବେ ଶୋଇପଡ଼ । ମୋର ସକାଳେ ଟିକେ ଜଲ୍‌ଦି ଯିବାକୁ ଅଛି ଅଫିସ୍ ଏଣୁ ମୁଁବି ଶୋଇପଡ଼େ ।

ରାତିଯାକ ମାମୁଁ ଓ ମାଇଁ ଅବିରତ ଭାବରେ କଡ଼ଲେଉଟାଇବାରେ ଲାଗିଥିଲେ । ଶୋଇବାଘରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଥିଲେ ମଧ୍ୟ ଦୁହିଁଙ୍କୁ ଗରମ ଅନୁଭୂତ ହେଉଥିଲା । ଗୋଟିଏ ଖଟରେ ଦୁଇଜଣ ଶୋଇଥିଲେ ମଧ୍ୟ ଆଜି କାହିଁକି ମାଇଁଙ୍କୁ ଲାଗୁଥିଲା ସତେ ଯେପରି ମଝିରେ ଖାଇଟିଏ ଅଛି । ଏଇମିତି ଭାବରେ ସକାଳେ ଘଣ୍ଟାର ଆଲାର୍ମ୍ ସାଙ୍ଗରେ ଦୁହିଙ୍କ ନିଦ ଗୋଟିଏ ଥରରେ ଭାଙ୍ଗିଲା ।

ଚୋରିଆ ମାମୁଁ ସକାଳର ଜଳଖିଆ ଖାଇବା ସମୟରେ ପାଖଘରୁ ବନ୍ତିଳ ମାଇଁ ଓ ତାଙ୍କ ଭାଇଙ୍କର କିଛି ତର୍କ ବିତର୍କ ଶୁଣିପାରିଲେ । ସେ ଭାବିଲେ ହୁଏତ ଭାଇ ଓ ଭଉଣୀଙ୍କ କଣ ଗୋଟେ ଦୁଃଖସୁଖ ଚାଲିଥିବ । ହେଲେ କିଛି ସମୟ ପରେ ଦୁଇଜଣ ଯାକ ପାଖ ରୁମ୍‌ରୁ ବାହାରି ଆସିଲେ । ବନ୍ତିଳ ମାଇଁଙ୍କ ଭାଇ ସନା ଚୋରିଆ ବାବୁଙ୍କୁ କହିଲା , ହଇହୋ ଆଜ୍ଞା, ଅପା ମୋତେ ୪୦ହଜାରର ଏ ଚେକ୍‌ଟାଏ ଦେଉଛି ତାକୁ ମନା କରନ୍ତୁ । ଏ ସବୁ କଣ ଚାଲିଛି ?

ଚୋରିଆ ବାବୁ , ସମ୍ବାଦପତ୍ରଟାକୁ ଓଲଟାଇ ଦେଇ କହିଲେ ଏ ସବୁ ତୁମେ ଦୁହେଁ ବୁଝ ଆଉ ମୋତେ ଏ ଭିତରେ ପୂରାଅ ନାହିଁ । ସନା କଥାଟାର ଗମ୍ଭୀରତା ବୁଝିଗଲା । ମାଇଁ ଚେକ୍‌ଟାକୁ ସନାର ସାର୍ଟ୍ ପକେଟ୍‌ରେ ରଖି କହିଲେ ତୁବି ଦିଟା ପୁରୀ ଖାଇ ଦେଇ ଯାଆ ତାତାତାଙ୍କ ସାଙ୍ଗରେ । ଭାଇଁ ଓ ଶଳା ଜଳଖିଆ ଖାଇ ସାରିଲେ ।  ଶୋଇବା ଘରେ ଅଫିସ୍ ଯିବାକୁ ପ୍ରସ୍ତୁତ ହେଲେ ମାମୁଁ  ଆଉ ମାଇଁଙ୍କୁ

ଦେଖି ସେ ମୁରୁକି ହସି କହିଲେ କଣ ରାତାରାତି ବ୍ରହ୍ମଜ୍ଞାନ ଉଦୟ ହୋଇଗଲା କି ମାଡ଼ାମ୍ । ମାଇଁ କହିଲେ , ମୁଁ ଜାଣେମ ତୁମର ଏଇ ଜଟିଳ ହସର ରହସ୍ୟ ବୁଝିଲ ? ନହେଲେ ୧୮ ବରଷ ଧରି ତମ ହାତ ଧରି ଚଳି ପାରିନଥାନ୍ତି ! ଆଜି ଅଫିସ୍ରୁ ଆସ ମୁଁ ଦଉଛି ତୁମକୁ ପାନେ... !!!


ଦୁହେଁ ଦୁହିଁଙ୍କୁ ଦେଖି ହସି ପକାଇଲେ ଆଉ ସନା ବୈଠକ ରୁ ଡାକୁଥିଲା, ଆଜ୍ଞା ଜଲ୍ଦି ଟିକେ ବାହାରନ୍ତୁ ଏଣେ ସମୟ ହେଲାଣି ।

( କ୍ରମଶଃ )

( ଏହି ଲେଖାରେ କିଛି ଇଂରାଜୀରୁ ଓଡ଼ିଆର ଅପଭ୍ରଂଶ ଶବ୍ଦ ବ୍ୟବହାର କରାଯାଇଛି । କେତେ ସରଳ ଗାଉଁଲୀ ଲୋକ ଗାଁ ଗହଳରେ ଏଇଭଳି ଶବ୍ଦ ଏବେବି କହୁଛନ୍ତି । ବନ୍ତିଳ ମାଇଁ ଚରିତ୍ରଟି ଏକ ଗାଁ ଝିଅ ଯିଏକି ବାହା ହୋଇ ଏବେ ସହରର ରହିଅଛନ୍ତି ।

ଏଣୁ ପାଠକମାନଙ୍କୁ ଅନୁରୋଧ ଏହି ଭାବ କୁ କଦର୍ଥ ନକରି ଲେଖାଟିକୁ ପଢ଼ିବେ । ଭାଷାକୁ ବିକୃତ କିମ୍ବା ଅନ୍ୟର୍ଥ କରିବାର ମୋର କୌଣସି ଉଦ୍ଦେଶ୍ୟ ନୁହଁ ।

କମ୍ପୁଟର – Computer, ସିକିମ୍ - Scheme, ଗିଫିଟି – Gift, ଫାରବାଡ଼ – Forward, ଇସ୍କୁଲ – School, ମେଡେମ୍ - Madam, ସ୍କାପି – Skype, ଟେଁସନ – Tension, ମେଲେ – M.L.A., ସ୍ୟାଣ୍ଡାଲ୍ - Scandal, କିରିକେଟ୍ - Cricket , ଏସ୍ପେନ୍ସ୍ - Experience )




୯୯ ପୃଷ୍ଠାର ଅବଶିଷ୍ଟାଂଶ

ଲେଖା ଓଡ଼ିଆ ଭାଷାରେ ପ୍ରକାଶିତ ଅନ୍ୟ କୌଣସି ବି ପତ୍ରପତ୍ରିକାକୁ ପଠାନ୍ତୁ।

ଆହ୍ବାନ ପ୍ରକାଶନ କରିବା ନ କରିବା ସମ୍ପୂର୍ଣ୍ଣତଃ ସମ୍ପାଦକଙ୍କ ନିଜସ୍ବ ନିଷ୍ପତ୍ତି ଉପରେ ଆଧାରିତ। ଏଥିପାଇଁ ସମୟେ ସମୟେ ଆହ୍ବାନ ଜମାରୁ ପ୍ରକାଶିତ ବି ହେଉନାହିଁ। ଏହି ପତ୍ରିକା ପାଇଁ ବିନା ପାରିଶ୍ରମିକରେ କାମ କରିବାପାଇଁ କେହି ସ୍ବେଚ୍ଛାରେ ଆଜି ପର୍ଯ୍ୟନ୍ତ ଆଗଭର ହୋଇନାହାନ୍ତି। ତେଣୁ ଏହି ପତ୍ରିକା ପ୍ରକାଶନରେ ଅନେକ ବାଧାବିଘ୍ନ ସତ୍ତ୍ବେ ଏହାକୁ ବିନା ବିଜ୍ଞାପନରେ ଦୀର୍ଘ ଆଠବର୍ଷ ଧରି ପ୍ରକାଶିତ କରି ଆସୁଛି ମୁଁ। ଆହ୍ବାନ ପ୍ରକାଶିତ ହେବାପରେ ଅନେକ ଇ-ପତ୍ରିକା ଓଡ଼ିଆ ଭାଷାରେ ପ୍ରକାଶିତ ହୋଇ ଆସୁଥିଲେ ସୁଦ୍ଧା କେହି ବି ଆହ୍ବାନ ପରି ଲୋକପ୍ରିୟତା ହାସଲ କରିପାରି ନାହାନ୍ତି। ଏହାର ସମସ୍ତ ଶ୍ରେୟ କେବଳ ପାଠକପାଠିକା ମାନଙ୍କ ସ୍ନେହ ଓ ସଦିଚ୍ଛା ତଥା ଲେଖକ ଲେଖିକା ମାନଙ୍କ ସାହାଯ୍ୟ ଛଡ଼ା ଆଉ କିଛି ନାହିଁ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ




# ଆହ୍ୱାନ ଇ-ପତ୍ରିକାର ୱେବ୍ ସାଇଟ୍‌ର ନୂତନ ସ୍ୱରୂପ

## www.aahwaan.com

## ବିଶେଷ ସୂଚନା

ଆହ୍ବାନର ଲୋକପ୍ରିୟତା ଏତେ ମାତ୍ରାରେ ବଢ଼ିଯାଇଛି ଯେ ଏବେ ଆହ୍ବାନ ପ୍ରକାଶନ ହେବାରେ ସାମାନ୍ୟ ବିଳମ୍ବ ହେଲେ ପାଠକମାନେ ପ୍ରଶ୍ନ କରିବା ଆରମ୍ଭ କରିଦେଉଛନ୍ତି। ଆପଣ ମାନଙ୍କ ଏହି ଶ୍ରଦ୍ଧା ଆହ୍ବାନ ପାଇଁ ସବୁଦିନେ ରହିଥାଉ। ଓଡ଼ିଆ ଇ-ପତ୍ରିକା ଜଗତରେ ଆହ୍ବାନର ସ୍ଥାନ କେବଳ ଆପଣ ମାନଙ୍କ ସ୍ନେହ ଓ ଶ୍ରଦ୍ଧା ଯୋଗୁଁ ହିଁ ସମ୍ଭବ ହୋଇ ପାରିଛି। ହେଲେ ଏହି ପରିପ୍ରେକ୍ଷୀରେ ଆଉ କିଛି ବିଚାର ମନକୁ ଆସେ, ଯେମିତି କିଛି ବନ୍ଧୁ ଆହ୍ବାନ ପତ୍ରିକାର ପ୍ରକାଶନରେ ବିଳମ୍ବ ହେଲେ ସମ୍ପାଦକଙ୍କ ପ୍ରତି ଆକ୍ଷେପ କରନ୍ତି, କେହି କେହି କହନ୍ତି, 'ଯଦି ଠିକ୍ ସମୟରେ ପତ୍ରିକାଟିଏ ପ୍ରକାଶନ କରିବା ଭଳି କ୍ଷମତା ନାହିଁ, ତ କାହିଁକି ପ୍ରକାଶ କରୁଛ। ବନ୍ଦ କରିଦିଅ।' ଆଉ କେହି କେହି କହନ୍ତି, 'ଆହ୍ବାନ ଏକ ପତ୍ରିକା ହିଁ ନାହିଁ।'

ଆହ୍ବାନ ପତ୍ରିକାର ପ୍ରକାଶନର ସମସ୍ତ ଦାୟିତ୍ବ ନେଉଛି ମାତ୍ର ମୁଁ ଜଣେ। ଲେଖା ସଂଗ୍ରହଠାରୁ ଆରମ୍ଭ କରି ସେ ସବୁକୁ ଟାଇପ୍ କରିବା, ଭୁଲ ଠିକ୍ ବାଛିବା, ସମୟେ ସମୟେ ଗୋଟିଏ ଗୋଟିଏ ଲେଖାକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବା ଭଳି ସମସ୍ତ କାମ ମୁଁ ଜଣେ ହିଁ କରୁଛି। ଏହା ସବୁପରେ ଲେଖା ଗୁଡ଼ିକୁ ପତ୍ରିକା ଆକାରରେ ସଜାଇବା ଏବଂ ଶେଷରେ ପତ୍ରିକା ପ୍ରକାଶନ କରିବା ପାଇଁ କେତେ ସମୟ ଲାଗେ ତାହା ଜଣେ ଅଭିଜ୍ଞ ପ୍ରକାଶକ ହିଁ କହିପାରିବ। ଏହି ସବୁ କାର୍ଯ୍ୟ ସତ୍ତ୍ବେ ପ୍ରତ୍ୟେକ ମାସର ପ୍ରଥମ ସପ୍ତାହ (ସର୍ବାଧିକ ୧୦ ତାରିଖ) ସୁଦ୍ଧା ଏହି ପତ୍ରିକା ପ୍ରକାଶିତ ହୋଇ ଆସୁଛି। ଯେଉଁ ବନ୍ଧୁମାନେ ଭାବୁଛନ୍ତି ଯେ ଏହି ପତ୍ରିକା ପ୍ରକାଶନର ଯୋଗ୍ୟତା ମୋର ନାହିଁ ସେହି ସବୁ ବନ୍ଧୁମାନଙ୍କୁ ମୋର ନିବେଦନ ସେମାନେ ଖବର କାଗଜ ଦୋକାନକୁ ଯାଇ ସର୍ବନିମ୍ନ ମୂଲ୍ୟ ଦେଇ ଯାହା ବି ଓଡ଼ିଆ ପତ୍ରିକା ପାଉଛନ୍ତି କିଣି ଆଣନ୍ତୁ ଏବଂ ପଢ଼ନ୍ତୁ। ଆଉ ଯେଉଁ ବନ୍ଧୁମାନେ ଲେଖା ପଠାଉଛନ୍ତି ଏବଂ ମାସ ପରେ ମାସ ନିଜ ଲେଖା ସବୁ ଆହ୍ବାନରେ ପ୍ରକାଶିତ ହେଉଥିବା ଦେଖୁଛନ୍ତି ସେମାନେ ନିଜ

ଅବଶିଷ୍ଟାଂଶ ୯୭ ପୃଷ୍ଠାରେ ଦିଆଯାଇଛି




ଆହ୍ବାନ ଇ-ପତ୍ରିକାର ଚଳିତ ସଂସ୍କରଣକୁ ଡ଼ାଉନଲୋଡ୍ କରିବା ଏବଂ ପଢ଼ିବା ପାଇଁ ଆମେ ଆପଣଙ୍କୁ ଧନ୍ୟବାଦ ଦେଉଛୁ ...

Please like us on Facebook at

http://www.facebook.com/odiaparibar

http://www.facebook.com/groups/aahwaan

http://www.facebook.com/groups/kathaokabita

Please forward your comments and compliments to our Editor at

**aahwaan@gmail.com**

or call him on

**9040985463 / 9861962160**